୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.317 Bhubaneswar Saturday Feburary 01 2025 | ୨୬ତମ ବର୍ଷ ସଂଖ୍ୟା-୩୧୭ ଭୁବନେଶ୍ୱର, ଶନିବାର, ଫେବୃଆରୀ ୦୧, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଦେବୀଙ୍କ ମାମଲାତି: ବିରୋଧ ସତ୍ତ୍ୱେ ସଂଗଠନରେ ବବିଙ୍କୁ ଦେଲେ ଏଣ୍ଟ୍ରି, ନିର୍ବାଚନ ପ୍ରକ୍ରିୟାକୁ ଧକ୍କା



ଭୁବନେଶ୍ୱର,୩୧।୧(ପି.ଏନ): ଆଭ୍ୟନ୍ତରୀଣ କନ୍ଦଳ ଓ ଅସନ୍ତୋଷ ମଧ୍ୟ ଦେଇ ଗତି କରୁଥିବା ବିଜେଡିର ସଦ୍ୟଘୋଷିତ 'ପ୍ରଭାରୀ' ତାଲିକା ଏବେ ଦଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ଦଳରେ ସାଂଗଠନିକ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାବେଳେ ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନ ଓ ତାଙ୍କ ତଥାକଥିତ 'କ୍ରୀତଦାସ' ପ୍ରଣବପ୍ରକାଶ ଦାସ(ବବି) ଯୋଡି ଦଳୀୟ ସଂଗଠନକୁ ନିଜ କବଜାକୁ ନେବା ପାଇଁ ସୁଚିନ୍ତିତ ଢଙ୍ଗରେ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ରଙ୍କ ଦସ୍ତଖତରେ ଏହି 'ପ୍ରଭାରୀ' ଦାୟିତ୍ୱ ବଂଟନ କରାଇଛନ୍ତି । ଆଉ ବବିଙ୍କ ପ୍ରତି ଦଳୀୟ କର୍ମୀ ଓ ନେତାମାନଙ୍କ ମନରେ ଆକ୍ରୋଶ କିଭଳି ରହିଛି ତାହା ପରଖିବାକୁ ପାଣ୍ଡିଆନ ନିଜର ଏହି ପୁରୁଣା ଫର୍ମୁଲା ଆପଣାଇଥିବା ଚର୍ଚ୍ଚା ହେଉଛି । ଆଗାମୀ ଦିନରେ ବବିଙ୍କୁ ପୁଣିଥରେ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଦାୟିତ୍ୱରେ ଥଇଥାନ ଉଦ୍ଦେଶ୍ୟରେ ଏବେ ଏଭଳି ପ୍ରଭାରୀ ନିଯୁକ୍ତିର ଆବଶ୍ୟକତା ନଥାଇ ମଧ୍ୟ ୨୭ଟି ନିର୍ବାଚନମଣ୍ଡଳୀର ସାଂଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବବିଙ୍କ ସମେତ ୧୦ଜଣ ନେତାଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଛି । ସାଂଗଠନିକ ନିର୍ବାଚନବେଳେ ମାତ୍ର ୨୭ଟି ନିର୍ବାଚନମଣ୍ଡଳୀକୁ କିଏ ଓ କେଉଁ ଆଧାରରେ ଚୟନ କରିଛନ୍ତି ଏବଂ ଦେବୀ କାହିଁକି ମାମଲାତି ସାଜି ବବିଙ୍କୁ ସଂଗଠନରେ ଏଣ୍ଟ୍ରୀ ଦେଇଛନ୍ତି ତାକୁ ନେଇ ଦଳ ଭିତରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିବା ଜଣାପଡିଛି ।ବିଜେଡି ସୂତ୍ର ଅନୁସାରେ, ଦଳର ୨୪ବର୍ଷର ଶାସନ ଅଚାନକ ହାତରୁ ଖସିଯିବା ପାଇଁ ଦଳୀୟ କର୍ମୀ ଓ ନେତାମାନେ ସିଧାସଳଖ ପାଣ୍ଡିଆନ-ବବି ଯୋଡିଙ୍କୁ ଦାୟୀ କରୁଥିବାବେଳେ ସେମାନେ ପୁଣି ଥରେ ସଂଗଠନକୁ ନିଜ ନିୟନ୍ତ୍ରଣକୁ ନେବା ନିମନ୍ତେ ବିଗତ କିଛି ଦିନ ଧରି ଉଦ୍ଦେଶ୍ୟମୂଳକ ଭାବେ ଦଳରେ କ୍ରମାଗତ ଅସ୍ଥିରତା ଭିଆଇବାରେ ଲାଗିଛନ୍ତି । କଟକ, ଭୁବନେଶ୍ୱର,ଗୋପାଳପୁର, ପୁରୀ ଆଦି ସ୍ଥାନରେ ଦଳର ପରାଜିତ ବିଧାୟକମାନେ ବାରମ୍ବାର ମେଳି କରିବା ପଛରେ ବବିଙ୍କ ପ୍ରମୁଖ ଭୂମିକା ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି । ଯେହେତୁ ଏହିସବୁ ମେଳିରେ ସାମିଲ ହେଉଥିବା ନେତାମାନେ ବବିଙ୍କ ଖାସ୍ ଅନୁଗତ ଭାବେ ପରିଚିତ, ତେଣୁ ଗଣମାଧ୍ୟମରେ ଏହି ମେଳି ଖବର ପ୍ରସାରଣ ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଲା । ଆଉ ଦଳୀୟ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବ?ିବାରୁ ବବି-ପାଣ୍ଡିଆନ ଯୋଡି 'ଡାହାଣୀ' ଭୂମିକା ଛାଡି 'ଗୁଣିଆ' ସାଜିଥିଲେ । ନବୀନ ନିବାସରେ ରହି କାହାରିକୁ ଭେଟୁନଥିବା ନବୀନଙ୍କୁ ପ୍ରଭାବିତ କରି ଏହି ମେଳି ବାନ୍ଧିଥିବା ନେତାମାନଙ୍କ ନିକଟକୁ ଫୋନ୍ ମାଧ୍ୟମରେ ତାଗିଦ୍ ବି କରାଇବାରେ ସକ୍ଷମ ହେଲେ । ଅବଶ୍ୟ ଏବେ ଏହି ମେଳି ସିନା ବନ୍ଦ ହୋଇଗଲା, କିନ୍ତୁ ବବିଙ୍କୁ ପୁଣିଥରେ ସଂଗଠନରେ 'ନମ୍ବର-ଟୁ' ଭୂମିକାରେ ଅବତୀର୍ଣ୍ଣ କରାଇବା ପାଇଁ ଦଳରେ ଆବଶ୍ୟକ ମାହୋଲ୍ ତିଆରି ହୋଇପାରୁନଥିବାରୁ ଶେଷରେ ପାଣ୍ଡିଆନ ନିଜର ଉଭଟ ମସ୍ତିଷ୍କର ଉପଯୋଗ କରି ଦେବୀଙ୍କୁ ମୋହରା ସଜାଇ ଏହି 'ପ୍ରଭାରୀ' ତାଲିକା ଜାରି କରିଥିବା ଜଣାପଡିଛି ।ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉକ୍ତ ପ୍ରଭାରୀ ତାଲିକା ଜାନୁୟାରୀ ୨୮ତାରିଖରୁ ଦଳୀୟସ୍ତରରେ ପ୍ରକାଶ ପାଇଥିଲେ ମଧ୍ୟ ଗଣମାଧ୍ୟମଠୁ ଏହାକୁ ଦୂରେଇ ରଖାଯାଇଛି । ବବିଙ୍କୁ ନେଇ ଦଳୀୟ ନେତାମାନଙ୍କ ପ୍ରତିକ୍ରିୟା ପରଖିବାକୁ ଏବେ ପ୍ରୟାସ ଚାଲିଛି । ଏପଟେ ଯେଉଁ ୨୭ଟି ନିର୍ବାଚନମଣ୍ଡଳୀର ସାଂଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ୧୦ଜଣ ନେତାଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଛି ତା'ର ଯଥାର୍ଥତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଲାଣି । ତାଲିକାରେ ସାମିଲ ଝାରସୁଗୁଡା, ପିପିଲି, କଟକ-ବାରବାଟୀ, ଭଟଳି, ଖୋର୍ଦ୍ଧା ଭଳି ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାୟକ ନଥିଲେ ମଧ୍ୟ ସେଠାରେ ସଂଗଠନ ଓ ନେତୃତ୍ୱ ସୁଦୃ? ଅଛି । ସେହିପରି ଚମ୍ପୁଆରେ ଦଳର ବିଧାୟକ ଅଛନ୍ତି । କଟକ ସଦର,ପାରାଦୀପ, ବ୍ରହ୍ମପୁର, ଗୋପାଳପୁର,ଛତ୍ରପୁର ଭଳି ନିର୍ବାଚନମଣ୍ଡଳୀରେ ବି ସଂଗଠନ ଦଳର ସ୍ଥାନୀୟ ନେତାଙ୍କ କର୍ତ୍ତୃତ୍ୱ ରହିଛି । ଏସବୁ ସତ୍ତ୍ୱେ କେଉଁ ଉଦ୍ଦେଶ୍ୟରେ ଏହି ନିର୍ବାଚନମଣ୍ଡଳୀକୁ ଚୟନ କରାଯାଇଛି ତାକୁ ନେଇ ସ୍ଥାନୀୟ ନେତୃତ୍ୱଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ଦାୟିତ୍ୱ ନେଲେ ରାଜ୍ୟ ନିର୍ବାଚନ କମିଶନର



ଭୁବନେଶ୍ୱର,୩୧।୧(ପି.ଏନ): ରାଜ୍ୟ ନିର୍ବାଚନ କମିଶନର ଭାବେ ଶୁକ୍ରବାର ଦାୟିତ୍ୱ ନେଇଛନ୍ତି ମଧୁସୂଦନ ପାଢ଼ୀ। ତୋଷାଳୀ ଭବନରେ ବିଧିବଦ୍ଧ ଭାବେ ସେ ଦାୟିତ୍ୱ ନେଇଛନ୍ତି। ଆଦିତ୍ୟ ପାଢ଼ୀଙ୍କ ଅବସର ପରେ କମିଶନର ପଦ ଖାଲି ପଡ଼ିଥିଲା । ଏବେ ଦାୟିତ୍ୱର ଭାର ମଧୁସୂଦନ ପାଢୀଙ୍କ ହାତକୁ ହସ୍ତାନ୍ତର କରାଯାଇଛି।୧୯୯୧-ବ୍ୟାଚ୍ ଓଡିଶା କ୍ୟାଡରର ଆଇଏଏସ୍ ଅଧିକାରୀ ମଧୁସୂଦନ ପାଢ଼ୀ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପରେ ପ୍ରଥମେ ସେ କନ୍ଧମାଳ ଜିଲା ବାଲିଗୁଡାର ସବ୍ କଲେକ୍ଟର ଭାବରେ କାର୍ଯ୍ୟ କରିଥିଲେ। ପରେ ପ୍ରୋଜେକ୍ଟ ନିର୍ଦ୍ଦେଶକ, ଡିଆରଡିଏ, ମୟୂରଭଞ୍ଜ ପରେ ବିଭିନ୍ନ ବିଭାଗର ସଚିବ ଥିଲେ।

## ଜରିମାନା ଦେବେ ଉପମୁଖ୍ୟମନ୍ତ୍ରୀ କେ. ଭି. ସିଂହଦେଓ



କଟକ,୩୧।୧(ପି.ଏନ): ପାଟଣାଗଡ଼ ବିଧାନସଭା ନିର୍ବାଚନ ମାମଲାରେ ବଡ଼ ଖବର ସାମ୍ନାକୁ ଆସିଛି । ୨୦୨୪ ପାଟଣାଗଡ଼ ବିଧାନସଭା ନିର୍ବାଚନ ମାମଲାରେ ଧାର୍ଯ୍ୟ ସମୟ ମଧ୍ୟରେ ଜବାବ ଦାଖଲ କରିନପାରିବାରୁ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପରେ ହାଇକୋର୍ଟ ୨ହଜାର ଟଙ୍କା ଜରିମାନା କରିଛନ୍ତି ବୋଲି ଖବର ମିଳିଛି । ତେବେ ଏହି ଜରିମାନା ଅର୍ଥ ହାଇକୋର୍ଟ ବାର୍ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ଜମା କରାଯିବ ।ତେବେ ଜବାବ ଦାଖଲ ପାଇଁ ତାରିଖ ଗଡ଼ାଇ ଚାଲିବା, ନିର୍ଦ୍ଧାରିତ ସମୟରେ ଜବାବ ଦାଖଲ ନ କରିବା ସହ ଅଧିକ ସମୟ ଚାହିଁବାରୁ ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ୨ ହଜାର ଟଙ୍କା ଜରିମାନା କରି ତାଙ୍କ ଜବାବ ଗ୍ରହଣ ନିମନ୍ତେ ଆବେଦନକୁ ଅନୁମତି ପ୍ରଦାନ କରିଛନ୍ତି। ଉକ୍ତ ଜରିମାନା ଅର୍ଥ ହାଇକୋର୍ଟ ବାର୍? ଆସୋସିଏଶନ କଲ୍ୟାଣପାଣ୍ଠିରେ ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।ପାଟଣାଗଡ଼ ବିଧାନସଭା ଆସନର ପରାଜିତ ବିଜେଡି ପ୍ରାର୍ଥୀ ସରୋଜ କୁମାର ମେହେରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ପକ୍ଷରୁ ଜବାବ ଦାଖଲ ଲାଗି ଅଦାଲତଙ୍କ ଅନୁମତି ଦେବାକୁ ପ୍ରାର୍ଥନା କରାଯାଇଥିଲା । ହାଇକୋର୍ଟ ପ୍ରାର୍ଥନାକୁ ଗ୍ରହଣ କରି ଜବାବ ଦାଖଲ ଲାଗି ଅନୁମତି ଦେଇଥିଲେ ମଧ୍ୟ ବିଳମ୍ବ ପାଇଁ ୨ ହଜାର ଟଙ୍କା ଜରିମାନା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ଶୁଣାଣିରେ ଇସୁ୍ୟ ଫ୍ରେମ୍ କରଯିବ । ଅର୍ଥାତ କେଉଁସବୁ ପ୍ରସଙ୍ଗକୁ ନେଇ ମାମଲାର ଶୁଣାଣି ହେବ ତାହା ଧାର୍ଯ୍ୟ କରାଯିବ ।ଉଲ୍ଲେଖଯୋଗ୍ୟ ଯେ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସତ୍ୟପାଠରେ ମିଥ୍ୟା ତଥ୍ୟ ଦେଇଥିବା ନେଇ ଶ୍ରୀ ମେହେର ତାଙ୍କ ପିଟିସନ୍ ?ରେ ଅଭିଯୋଗ କରିଛନ୍ତି । ତେଣୁ ବିଧାୟକ ଭାବେ ଶ୍ରୀ ସିଂହଦେଓଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବାକୁ ସେ ପ୍ରାର୍ଥନା କରିଛନ୍ତି । ଏହି ମାମଲାରେ ହାଇକୋର୍ଟ ଉପମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଥିଲେ । କିନ୍ତୁ ବିଳମ୍ବରେ ଜବାବ ରଖିବାରୁ ହାଇକୋର୍ଟ ଏହି ଜରିମାନା କରିଛନ୍ତି । ସରୋଜ କୁମାର ମେହେରଙ୍କ ପକ୍ଷରୁ ଆଇନଜୀବୀ ଏନ୍. ଅଗ୍ରୱାଲ ମାମଲା ପରିଚାଳନା କରୁଥିବା ଜଣାପଡ଼ିଛି ।

## ଦିଲ୍ଲୀ ବିଧାନସଭା ନିର୍ବାଚନ, ମୈଦାନରେ ତିନି ଦଳର ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

ନୂଆଦିଲ୍ଲୀ,୩୧।୧(ପି.ଏନ):ଦିଲ୍ଲୀ ବିଧାନସଭା ନିର୍ବାଚନ। ଜୋର ଧରିଛି ନିର୍ବାଚନୀ ପ୍ରଚାର। ମୈଦାନରେ ତିନି ଦଳର ପ୍ରାର୍ଥୀଙ୍କ ଚାଲିଛି ମାରାଥନ ପ୍ରଚାର। ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କ ଜୋରଦାର ପ୍ରଚାର। ପୁରା ଦିଲ୍ଲୀରେ ଡୋର ଟୁ ଡୋର ପ୍ରଚାର କରୁଛନ୍ତି ଆପ ନେତା। ଆତିଶୀ, ମନୀଷ ସିସୋଦିଆ, ସଂଜୟ ସିଂହ ଓ କେଜରିୱାଲଙ୍କ ସହ ମାରାଥନ ପ୍ରଚାର କରିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଏଥର ଦିଲ୍ଲୀ ନିର୍ବାଚନ ହାତେଇବାକୁ ଲକ୍ଷ୍ୟ ରଖିଛି। ସନ୍ଦୀପ ଦିକ୍ଷୀତଙ୍କ ନେତୃତ୍ୱରେ ଦିଲ୍ଲୀରେ ଚାଲିଛି କଂଗ୍ରେସର ପ୍ରଚାର। ସେହିପରି ବିଜେପି ପକ୍ଷରୁ ମଧ୍ୟ ଚାଲିଛି ଜୋରଦାର କ୍ୟାମ୍ପେନ। ସରକାରଙ୍କ ଭୁଲ ନୀତିକୁ ନେଇ ଲୋକଙ୍କ ନିକଟକୁ ଯାଇ ଭୋଟ ମାଗୁଛନ୍ତି ବିଜେପି ପ୍ରାର୍ଥୀ ଓ ନେତା।

## ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ବୈଦେଶୀକ ମନ୍ତ୍ରୀ, ଚିଠି ଲେଖି ଖୁସି ବ୍ୟକ୍ତ କଲେ ଜୟଶଙ୍କର



ଭୁବନେଶ୍ୱର,୩୧।୧(ପି.ଏନ): ବୈଦେଶୀକ ମନ୍ତ୍ରୀ ଏସ୍. ଜୟଶଙ୍କର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲେଖିଛନ୍ତି ଚିଠି ।ଚିଠିରେ ଜୟଶଙ୍କର ମୋହନଙ୍କ ପ୍ରଶଂସା କରିଛନ୍ତି । ଓଡିଶାରେ ଚଳିତବର୍ଷର ପ୍ରବାସୀ ଭାରତୀୟ ଦିବସ ପାଇଁ ରାଜ୍ୟ ସରକାର ସୁନ୍ଦର ପ୍ରସ୍ତୁତି କରିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ବୈଦେଶୀକ ମନ୍ତ୍ରୀ । ପ୍ରବାସୀ ଭାରତୀୟ ଦିବସରେ ସାମିଲ ହୋଇଥିବା ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମକୁ ନେଇ ସକରାତ୍ମକ ପ୍ରତିକ୍ରିୟା ରଖିଛନ୍ତି । ଏଥିସହ ରାଜ୍ୟ ସରକାରଙ୍କ ଅତିଥି ଚର୍ଚ୍ଚାକୁ ନେଇ ପଜିଟିଭ୍ ଫିଡ୍ବ୍ୟାକ୍ ମଧ୍ୟ ଦେଇଛନ୍ତି ।

## କଲେଜର କର୍ମଚାରୀ ଓ ଅଧ୍ୟାପକମାନେ ବଦଳି ପାଇଁ ସୁପାରିସ ଆଣିଲେ ହେବ ଆକ୍ସନ, ଉଚ୍ଚ ଶିକ୍ଷା ବିଭାଗର ତାଗିଦ

ଭୁବନେଶ୍ୱର,୩୧।୧(ପି.ଏନ): କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ଉଚ୍ଚ ଶିକ୍ଷା ବିଭାଗର ତାଗିଦ । ବଦଳି ଓ ନିଯୁକ୍ତି ପାଇଁ ସୁପାରିସ ଆଣିଲେ ହେବ କାର୍ଯ୍ୟାନୁଷ୍ଠାନ । ବଦଳି ଓ ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗରେ ଏବେ ମାଳ ମାଳ ସୁପାରିସ ।ଅଧ୍ୟକ୍ଷ ପଦରେ ନିଯୁକ୍ତି, ନିଜ ପସନ୍ଦର କଲେଜକୁ ବଦଳି ପାଇଁ ପ୍ରତିଦିନ ମନ୍ତ୍ରୀ, ବିଧାୟକ, ସାଂସଦ ଓ ନେତାଙ୍କ ସୁପାରିସ ଥିବା ଆବେଦନ ପତ୍ର ଆସୁଛି । ବିଭାଗରେ ଏସବୁ ଫାଇଲ ଥାକ ଥାକ ଥୁଆହୋଇଛି । କେବଳ ସେତିକି ନୁହେଁ ଗୋଟିଏ ସ୍ଥାନକୁ ବଦଳି ପାଇଁ ବିଧାୟକ ଓ ସାଂସଦଙ୍କ ସୁପାରିସ ଧରି ଆସୁଥିବା ଅଧ୍ୟାପକଙ୍କ ସଂଖ୍ୟା ବି ଅନେକ । ଏଥିପାଇଁ ଉଚ୍ଚ୍ଚ ଶିକ୍ଷା ବିଭାଗ ୪୮୮ ବର୍ଗ ଓ ୬୬୨ ବର୍ଗ ହାୟର ସେକେଣ୍ଡାରୀ ସ୍କୁଲ ଓ ଡିଗ୍ରୀ କଲେଜ କର୍ତ୍ତୃପକ୍ଷଙ୍କୁ ଚେତାବନୀ ସମ୍ବଳିତ ଚିଠି ଲେଖିଛନ୍ତି । ଯେଉଁମାନେ ବଦଳି ଓ ନିଯୁକ୍ତି ପାଇଁ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ପ୍ରଭାବ ପକାଇବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରଶାସନିକ ଆବଶ୍ୟକତା, ମେରିଟ ଅନୁସାରେ ଅନୁଦାନପ୍ରାପ୍ତ କଲେଜରେ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ହୋଇଥାଏ । ତେବେ ବ୍ଲକ ଗ୍ରାଣ୍ଟ କର୍ମଚାରୀଙ୍କ ପାଇଁ ସର୍ଭିସ ରୁଲ ଉଦ୍ଦିଷ୍ଟ ନୁହେଁ । ଏଥିସହ ସେମାନଙ୍କର ବଦଳି ହୋଇନଥାଏ । ତେଣୁ ଏହାକୁ ଉଲ୍ଲଂଘନ କରି ବଦଳି ଓ ନିଯୁକ୍ତି ପାଇଁ ଚାପ ପକାଇଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଚେତାଇ ଦିଆଯାଇଛି । ଅନୁଦାନପ୍ରାପ୍ତ କଲେଜର କର୍ମଚାରୀ ଓ ଅଧ୍ୟାପକମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ବଦଳି ପାଇଁ ଚାପ ପକାଇବାରୁ ନିବୃତ୍ତ ରହିବାକୁ କୁହାଯାଇଛି

## ଠିକା ସରକାରୀ ଚାକିରିଆଙ୍କ କଟିବ ନାହିଁ ରାସନ କାର୍ଡ: ଫେବୃୟାରୀ ୧୫ ପରେ ମିଳିବ ନୂଆ କାର୍ଡ

ଭୁବନେଶ୍ୱର,୩୧।୧(ପି.ଏନ): ରାଜ୍ୟ ସରକାର ରାସନ କାର୍ଡ ଇ-କେୱାଇସି ଯାଂଚ ଅବଧିକୁ ଆସନ୍ତା ଫେବୃୟାରୀ ମାସ ୧୫ତାରିଖ ପର୍ଯ୍ୟନ୍ତ ବ?ାଇଛନ୍ତି । ଏହାସହିତ ଯେଉଁମାନେ ରାଜ୍ୟ ସରକାରରେ କଣ୍ଟ୍ରାକଚୁଆଲ ଚାକିରି କରି ମାସକୁ ୧୫ହଜାର ଟଙ୍କାରୁ କମ୍ ଦରମା ପାଉଥିବେ ସେମାନଙ୍କର ରାସନ କାର୍ଡ କଟିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ଫେବୃୟାରୀ ୧୫ପରେ ହିତାଧିକାରୀ ମାନଙ୍କୁ ନୂଆ ରାସନ କାର୍ଡ ଦେବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି ।ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟ



ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, କଣ୍ଟ୍ରାକ୍ଟଚୁଆଲ ଚାକିରି କରି ମାସକୁ ୧୧-୧୨ହଜାର ଟଙ୍କା ଦରମା ପାଉଥିବା ସରକାରୀ ଚାକିରିଆଙ୍କ ରାସନ କାର୍ଡ କଟିବ ନାହିଁ । ସେମାନେ କାର୍ଡ ଫେରାଇ ଆବଶ୍ୟକ ନାହିଁ । ଭଲ ଚାକିରି ବା ଭଲ ଦରମା ପାଉଥିବା କର୍ମଚାରୀମାନେ ନିଜର ରାସନ କାର୍ଡ ଫେରାଇ ଦେବା ଉଚିତ୍। ଜାତୀୟ ଖାଦ୍ୟ ସୁରକ୍ଷା ନିୟମ ଅନୁସାରେ ଯାହାର ରୋଜଗାର ମାସକୁ ୧୫ହଜାର ଟଙ୍କାରୁ ଅଧିକ ଥିବ ସିଏ କାର୍ଡ ଫେରାଇବ । ସବୁ ଜିଲ୍ଲାରୁ କାର୍ଡ ଫେରାଇବା ପ୍ରକ୍ରିୟା ଜାରି ରହିଛି । ଦୁଇଦିନ ତଳେ ୧୨ହଜାର ସରକାରୀ ଚାକିରିଆ କାର୍ଡ ଫେରାଇଥିଲେ । ଆଜି ଏହା ୨୦ହଜାରରେ ପହଂଚିଲାଣି । ଯେଉଁମାନେ ଭଲ ଚାକିରି କରିଛନ୍ତି ସେମାନେ କାର୍ଡ ଫେରାଇ ଦେବା ଉଚିତ୍ । ଯଦି ସେମାନେ ନଫେରାଇବେ ପଛରେ ଧରାପଡିଲେ ଆମେ ଆକ୍ସନ ନେବୁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରିଛନ୍ତି ।

## କିରୋସିନ ଢାଳି ଲକ୍ଷାଧିକ ଟଙ୍କାର ଅଫିମ ଚାଷ ନଷ୍ଟ କଲା ପୋଲିସ



କରଞ୍ଜିଆ,୩୧।୧(ପି.ଏନ): ଲକ୍ଷାଧିକ ଟଙ୍କାର ଅଫିମ ଚାଷ ନଷ୍ଟ କରିଛି ପୋଲିସ। ପାଉଁଶ ହୋଇଥିବା ଅଫିମ ଚାଷର ଆନୁମାନିକ ମୂଲ୍ୟ ୪୨ ଲକ୍ଷ ହେବ ବୋଲି ପୋଲିସ ଅଧିକାରୀଙ୍କ ସୂଚନା।ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଏଡେଲ ବେଡା ଗ୍ରାମର ବୁରୁ ସାହିରେ। ମାମଲା କ'ଣ: ବୁରୁ ସାହିରେ ପ୍ରାୟ ୧ ଏକର ଜମିରେ ଅତି ଯତ୍ନରେ ଏବଂ ବ୍ୟବସାୟିକ ଭାବେ ଅଫିମ ଚାଷ କରାଯାଇଥିଲା ସେଥିରେ ଫୁଲ ମଧ୍ୟ ଆସିଯାଇଥିଲା।କିନ୍ତୁ କୌଣସି ସୂତ୍ରରୁ ଖବର ପାଇ ଏସଡିପିଓ ସୁବ୍ରତ କୁମାରଙ୍କ ନେତୃତ୍ୱରେ ପୋଲିସ ଟିମ ସହ ବନ ବିଭାଗ ଓ ଅବକାରୀ ବିଭାଗ ୨୯ ତାରିଖ ସକାଳେ ମିଳିତ ଚଢାଉ କରିଥିଲା ମାଜିଷ୍ଟ୍ରେଟ ଭାବେ ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କରଙ୍କ ଉପସ୍ଥିତିରେ ୨୧୦୦୦ ଗଛ ଉଠାଯାଇ ପୋଡା ଯାଇଥିଲା।ମାମଲା ରୁଜୁ: ଜଙ୍ଗଲ ଭିତରେ ଥିବା ଚାଷ ସ୍ଥାନଟି ରାଜସ୍ୱ ବିଭାଗ ଅଧୀନରେ ରହିଛି । ଅପରାହ୍ନରେ ଏସଡିପିଓ ସୁବ୍ରତ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଠାକୁରମୁଣ୍ଡା ଥାନାରେ କେଶ ନଂ ୬ ଏବଂ ଦଫା ୧୮ ଏନଡିପିଏସ ଧାରାରେ ମୋକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବା ସୂଚନା ଦେଇଛନ୍ତି ।ଥାନାଧିକାରୀଣୀ ସାବିତ୍ରୀ ଦଳେଇ କେସର ତଦନ୍ତ ଭାର ନେଇଛନ୍ତି ଏବଂ ଖୁବ ଶୀଘ୍ର ଆସାମୀ ଧରପଡିବେ ବୋଲି କହିଛନ୍ତି।

## କାଲିଠୁ ନୂଆ ଟ୍ରାଫିକ ନିୟମ଼ଙ୍କ ବୀମା ନ ଥାଇ ଗାଡ଼ି ଚଳାଉଥିଲେ ସାବଧାନ, ହଜାରେ ଫାଇନ




ଭୁବନେଶ୍ୱର,୩୧।୧(ପି.ଏନ): କାଲିଠୁ ରାଜ୍ୟରେ ଲାଗୁ ହେବ ନୂଆ ଟ୍ରାଫିକ ନିୟମ । ରାସ୍ତାରେ ଚାଲିପାରିବନି ବୀମା ନ ଥିବା ଗାଡ଼ି ।ବୀମା ନଥିବା ଗାଡ଼ି ଗଡିଲେ କଟିବ ଚାଲାଣ । ପ୍ରଥମ ଥର ଧରା ପଡ଼ିଲେ ୧ ହଜାର ଟଙ୍କା ଜରିମାନା । ବାରମ୍ବାର ନିୟମ ଉଲଂଘନ କଲେ ୪ ହଜାର ଜରିମାନା ଦେବାକୁ ପଡିବ ।ବୀମା ନ ଥିଲେ ଗାଡ଼ି ଘରେ ରଖିବାକୁ ଏସଟିଏଙ୍କ ପରାମର୍ଶ ।ରାଜ୍ୟ ସରକାର ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ନୂଆ ନିୟମ କରିଛନ୍ତି । ନୂଆ ଞ୍ଜୟମ ଅନ୍ତର୍ଗତ ଉଭୟ ଦୁଇ ଚକିଆ ଏବଂ ଚାରି ଭାକିଆ ଯାନର ବୀମା ବାଧ୍ୟତାମୂଳକ ବୀମା ନଥିଲେ ଗାଡି ଚାଳକଙ୍କୁ ଫାଇନ ଦେବାକୁ ପଡିବ ।

## ୯ ବିଜେଡି ନେତାଙ୍କୁ ମିଳିଲା ବଡ ଦାୟିତ୍ୱ

ଭୁବନେଶ୍ୱର,୩୧।୧(ପି.ଏନ): ସାଙ୍ଗଠନିକ ନିର୍ବାଚନ ପାଇଁ ୯ ଜଣ ବିଜେଡି ନେତାଙ୍କୁ ମିଳିଲା ବଡ ଦାୟିତ୍ୱ । ୯ ଜଣ ନେତାଙ୍କୁ ମିଳିଛି ୨୭ ନିର୍ବାଚନ ମଣ୍ଡଳୀର ଦାୟିତ୍ୱ । ନିରଞ୍ଜାନ ପୂଜାରୀଙ୍କୁ ଝାରସୁଗୁଡା ଓ ବ୍ରଜରାଜନଗର ଦାୟିତ୍ୱ ମିଳିଛି । ଅତନୁ ସବ୍ୟସାଚୀ ନାୟକ ଓ ଦାୟିତ୍ୱ । ଉଭୟଙ୍କୁ ମିଳିଥିବା ୫ଟି ନିର୍ବାଚନ ମଣ୍ଡଳୀ ହେଲା ତେଲକୋଇ, ପାଟଣା, ଚମ୍ପୁଆ, ପରାଦୀପ ଓ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ । ପ୍ରତାପ ଜେନାଙ୍କୁ କଟକ ବରବାଟୀ, କଟକ ସଦର ଓ ନିଆଳି ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ମିଳିଛି । ଅରୁଣ ସାହୁଙ୍କୁ ନିମାପଡା, ପିପିଲି ଓ ଖୋର୍ଦ୍ଧା ଦାୟିତ୍ୱ ମିଳିଥିବା ବେଳେ ସଞ୍ଜୟ କୁମାର ଦାସବର୍ମାଙ୍କୁ ସାନଖେମୁଣ୍ଡି, ଗୋପାଳପୁର, ଛତ୍ରପୁର ଓ ବ୍ରହ୍ମପୁର ଦାୟିତ୍ୱ ମିଳିଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଯ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଯ୍ୟଟକଙ୍କ ଭିଡ। ଏହି ଉଦେଣ୍ଯ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଯ୍ୟରେ ସାହାଯଣ୍ଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଯ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଯ୍ୟତୀତ ଅନଣ୍ଯ୍ୟ ରାଜଣ୍ଯ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଯ୍ୟାରେ ପର୍ଯଣ୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଯ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଯ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଯ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଯ୍ୟଟକଙ୍କ ଭିଡକୁ ଲକ୍ଷଣ୍ଯ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଯ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଯ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ଯ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଯ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଯ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ଦୋଷୀ ଖସିଯିବାର ବାଟ ତିଆରି କରୁଛି ପୋଲିସ



ଭୁବନେଶ୍ୱର (ପିଏନ)- ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ପୋଲିସ ଉପଯୁକ୍ତ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବା ପରିବର୍ତ୍ତେ ସେହି ଘଟଣାରେ ସଂଶ୍ଲିଷ୍ଟ ଓ ପୃଷ୍ଠପୋଷକ ମାନଙ୍କୁ ଖସେଇ ଦେବାପାଇଁ ଷଡଯନ୍ତ୍ର କରୁଛି। ପୋଲିସର ତଦନ୍ତ ନିରପେକ୍ଷ ନୁହେଁ। ସେଥିପାଇଁ ହାଇକୋର୍ଟ ବିଚାରପତିଙ୍କ ତତ୍ୱାବଧାନରେ ଏସଆଇଟି ତଦନ୍ତ ଦାବି ସହ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ବହିଷ୍କାର ଦାବି କରାଯାଉଛି। ସରକାର ଯଦି ନ ଶୁଣନ୍ତି ତାହେଲେ ଦଳ ତରଫରୁ ଓଡ଼ିଶାର ହାଇକୋର୍ଟରେ ମାମଲା ଦାୟର କରାଯିବ ଓ ଓଡ଼ିଶା ହାଇକୋର୍ଟରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଏହି ମାମଲା ଦାୟର କରିବେ ବୋଲି ସୂଚନା ଦେଇଛନ୍ତି ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର। କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ, ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ପୋଲିସ୍ ଠିକ ତଦ' କରୁନାହାଁନ୍ତି। ଯେଉଁ ତଥ୍ୟ ପ୍ରମାଣ ସଂଗ୍ରହ କରି କୋର୍ଟରେ ଦାଖଲ କରିଛି ତାହା ପରସ୍ପର ବିରୋଧି। ଯେଉଁଥିପାଇଁ ଘଟଣାର ହତ୍ୟାକାରୀ ଖସିଯାଇ ପାରେ। ପୁନଶ୍ଚ ଘଟଣା ପଛରେ ଲୁଚି ରହିଥିବା ସେକ୍ସ ରାକେଟ ଓ ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗ ଉପରେ ପୋଲିସ ତଦ' କରୁନାହାଁନ୍ତି। ତେଣୁ ମମିତା ମେହେରକୁ ନ୍ୟାୟ ମିଳିବ ନା ନାହିଁ ତାହା ସନ୍ଦେହରେ। ଗୃହ ରାଷ୍ଟ୍ରମନ୍ତ୍ରୀ ୨୦୧୪ ରେ ନିର୍ବାଚନ ଲଢ଼ିଲାବେଳେ ସତ୍ୟପାଠ ମାଧ୍ୟମରେ କହିଥିଲେ ତାଙ୍କର ସଂପତି ପରିମାଣ ଦୁଇକୋଟି। ୨୦୧୯ ରେ ସେ ଦର୍ଶାଇଲେ ୮ କୋଟି କିନ୍ତୁ ଆମପାଖରେ ଥିବା ତଥ୍ୟ କହୁଛି ମନ୍ତ୍ରୀ ୭୫ କୋଟି ଟଙ୍କାର ମାଲିକ। ଗୋପାଳପୁର ବିଧାୟକଙ୍କୁ ଜନବିରୋଧି କହି ତାଙ୍କର ବିରୋଧରେ ମାମଲା ପାଇଁ ଲୋକାୟୁକ୍ତଙ୍କୁ ଦିଆଯାଇଥିଲା। ଏ କ୍ଷେତ୍ରରେ ଏହିବ୍ୟକ୍ତି ଜଣଙ୍କ ଏତେ ଅଳ୍ପ ସମୟ ମଧ୍ୟରେ ଏତେ ଅମାପ ସଂପତିର ଅଧିକାରୀ କିପରି ହେଲେ ତାହାର ତଦ' ଲୋକାୟୁକ୍ତ ମାଧ୍ୟମରେ କରାଯିବକି ? ମାନ୍ୟବର ମୁଖ୍ୟମନ୍ତ୍ରୀ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସଂପତି ସଂପର୍କରେ ଇଡି ସ୍ତରୀୟ ତଦ' ପାଇଁ ସୁପାରିଶ୍ କରିବେକି ?

ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ତାଙ୍କର ସଂପର୍କୀୟ ପ୍ରାୟ ୨୦୦ ଦଳିତ ପରିବାରର ଜମିକୁ ନିଜର ରାଜନୈତିକ ପ୍ରଭାବ ଓ ପତିଆରା ମାଧ୍ୟମରେ ସରକାରୀ ପରିମିଶନ କରି ଶାଗମାଛ ମୂଲରେ କିଣି ନେଇଛନ୍ତି, ବସ୍ତୁତ କଳାହାଣ୍ଡିରେ ଏହି ମନ୍ତ୍ରୀଙ୍କର ଛତ୍ରଛାୟାରେ ଏକ ବିରାଟ ଜମି ହଡ଼ପ ରାକେଟ କାର୍ଯ୍ୟ କରୁଛି। ରାଜ୍ୟ ସରକାର ସ୍ୱତନ୍ତ୍ର ଏହାର ତଦ' କରି ଓଡିଶା ଭୁସଂସ୍କାର ଆଇନ ଅନୁଯାୟୀ ସେହି ଜମି ଗୁଡ଼ିକୁ ସଂପୃକ୍ତ ସେହି ଦଳିତ ପରିବାରମାନଙ୍କୁ ଫେରାଇ ଦିଆଯିବା ପାଇଁ ନିର୍ଦ୍ଦେଶ ଦେବେକି ?

୨୦୧୭ ମସିହାରେ କେନ୍ଦ୍ରପଡ଼ାର ତତ୍‌କାଳୀନ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମାହାଙ୍ଗା ଅଂଚଳରେ ଅଣ୍ଡା ଓ ପଥର ମାଧ୍ୟମରେ ଆକ୍ରମଣ କରାଯାଇଥିଲା ଓ ସେଥିପାଇଁ ମାହାଙ୍ଗା ବିଧାୟକଙ୍କୁ ଦାୟୀ କରାଯାଇଥିଲା। ଯଦି ପୋଲିସ୍ ତଦନ୍ତ କରେ ଘଟଣାର ପୃଷ୍ଠପୋଷକଙ୍କୁ ଜେଲରେ ପୁରେଇ ଦେଇଥାନ୍ତେ, ତାହାହେଲେ ମାହାଙ୍ଗାର ଡବଲମର୍ଡର ଓ ପରବର୍ତୀ ପର୍ଯ୍ୟାୟରେ ଆଉ ଗୋଟିଏ ହତ୍ୟାକାଣ୍ଡ ଘଟି ନଥାନ୍ତା। କୋର୍ଟ ନିର୍ଦ୍ଦେଶ ସତ୍ୱେ ଆଇନ ମନ୍ତ୍ରୀଙ୍କର ସଂପୃକ୍ତି ସଂପର୍କରେ ତଦନ୍ତ କରିବାକୁ ପୋଲିସ ପଛଘୁଂଚା ଦେଉଛି ଓ ସମୟ ଗଡ଼େଇ ଚାଲିଛି। ଓଡ଼ିଶା ବିଧାନସଭା ସାମନାରେ ଆତ୍ମଦାହ ଉଦ୍ୟମ କରି ଝିଅ ପାଇଁ ନ୍ୟାୟ ମାଗିଥିବା ପରିର ପିତାମାତାଙ୍କର ଲହୁ ମଧ ଶୁଖିନାହିଁ। ତାଙ୍କର ନିର୍ଦ୍ଦିଷ୍ଟ ଅଭିଯୋଗ ତାଙ୍କ ଝିଅର ହତ୍ୟାକାରୀ ଓ ତାର ସୁରକ୍ଷା ଦାତା ଏବେ ମଧ ବାହାରେ ବୁଲୁଛନ୍ତି ଓ ସେମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ମିଥ୍ୟ ସତ୍ୟପାଠ ମାଧ୍ୟମରେ ଜମି ହାତେଇବା ଓ ପରେ ତାରାଦତ କମିଶନ ରିପୋର୍ଟ ପରିପ୍ରେକ୍ଷୀରେ ଜମି ଫେରାଇଥିଲେ ଜଙ୍ଗଲମନ୍ତ୍ରୀ। କିନ୍ତୁ ମିଥ୍ୟା ସତ୍ୟପାଠ ପାଇଁ ମାମଲା ରୁଜୁ ହୋଇନାହିଁ। ଚୋରି ଜିନିଷ ଫେରାଇଲେ କ'ଣ ମୋକଦ୍ଦମା ହୁଏ ନାହିଁ କି ?

ଉପବାଚସ୍ପତି ପଦ ଦଳରୁ ଉର୍ଦ୍ଧ୍ୱରେ। କିନ୍ତୁ ମାନ୍ୟବର ଉପବାଚସ୍ପତି ଏକ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୪.୫ କୋଟି ଓଡ଼ିଆଙ୍କ ଠାକୁର ବୋଲି କହିଥିଲେ। ସମସ୍ତେ ଜାଣନ୍ତି ଯେ ୪.୫ କୋଟି ଓଡ଼ିଆଙ୍କ ଠାକୁର ପ୍ରଭୁ ଜଗନ୍ନାଥ। ଏଭଳି ଭୁଲ କରି ମାନ୍ୟବର ଉପବାଚସ୍ପତି ପ୍ରଭୁ ସ୍ୱୟଂ ଜଗନ୍ନାଥ, ୪.୫ କୋଟି ଓଡ଼ିଆଙ୍କର ସମ୍ମାନ, ସ୍ୱାଭିମାନ ଓ ପରମ୍ପରାକୁ ଅସମ୍ମାନ କରିଛନ୍ତି। କଂଗ୍ରେସଦଳ ମାନ୍ୟବର ଉପବାଚସ୍ପତିଙ୍କୁ ଅପିଲ କରୁଛି ଯେ ସେତାଙ୍କର ଅନ୍ତରାତ୍ମାକୁ ପଚାରନ୍ତୁ ଯେ ସେ ଭୁଲ କରିଛନ୍ତି କି ନାହିଁ ? ଏବଂ ୪.୫ କୋଟି ଓଡ଼ିଆ ଓ ସ୍ୱୟ ଜଗନ୍ନାଥଙ୍କୁ ନିଃସର୍ତ କ୍ଷମା ପ୍ରାଥାନ କରିବାକୁ ଆମେ ଅନୁରୋଧ କରୁଛୁ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଂଜନ ଦାଶ, ପ୍ରଦେଶ କଂଗ୍ରେସ ଲିଗାଲ ସେଲ ଅଧକ୍ଷ ସୁରେନ୍ଦ୍ର ନାଥ କର ଓ କଳାହାଣ୍ଡି ଜିଲ୍ଲା କଂଗ୍ରେସ ଲିଗାଲ ସେଲ ଅଧକ୍ଷ ପ୍ରକାଶ ହରପାଲ ଉପସ୍ଥିତ ଥିଲେ।

## ବାହାଘର ଡିଜେ ଶବ୍ଦରେ ମରିଗଲେ ୬୩ରୁ ଉର୍ଦ୍ଧ କୁକୁଡ଼ା

ବାଲେଶ୍ୱର (ପିଏନ୍)- ବର ଓ ବରଯାତ୍ରୀ ବିବାହ ଶୋଭାଯାତ୍ରାରେ ଆସୁଥିବା ବେଳେ ଡିଜେର ବିକଟାଳ ଶବ୍ଦରେ ଜଣେ ବ୍ୟକ୍ତିଙ୍କ ଫାର୍ମରୁ ୬୩ରୁ ଉର୍ଦ୍ଧ କୁକୁଡ଼ାଙ୍କ ମୃତ୍ୟୁ ହୋଇଯାଇଛି। କୁକୁଡ଼ା ମରିବା ଘଟଣାରେ ପ୍ରାଣି ଚିକିତ୍ସା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ନୀଳଗିରି ଥାନା ଅଧିନ କାଣ୍ଡଗରଡ଼ି ଗାଁର ରାମଚନ୍ଦ୍ର ପରିଡ଼ାଙ୍କ କନ୍ୟା ବିବାହ ରାତିରେ ସିମୁଳିଆ ଥାନା ମଇତାପୁର ଅଞ୍ଚଳରୁ ଆସିଥିବା ବରଯାତ୍ରୀ ଜୋରରେ ଡିଜେ ବଜାଇ ନାଚ ଗୀତରେ ମସଗୁଲ ରହିଥିବା ଯୋଗୁ ସେହି ଗାଁର ରଞ୍ଜିତ ପରିଡ଼ାଙ୍କ ଫାର୍ମରେ ୬୩ଟି କୁକୁଡ଼ା ମରିଯାଇଥିଲେ ଏବଂ କିଛି କୁକୁଡ଼ା ନିସ୍ତେଜ ଅବସ୍ଥାରେ ଥିଲେ। ଫାର୍ମ ଭିତରେ ୨ ହଜାର କୁକୁଡ଼ା ରହିଥିବା ବେଳେ ଡିଜେ ଶବ୍ଦରେ କୁକୁଡ଼ାମାନେ ଭୟଭୀତ ହୋଇ ଏପଟ ସେପଟ ଉଡ଼ିବାରୁ ଧକ୍କା ଲାଗି ୬୩ଟି କୁକୁଡ଼ା ମରିଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସମ୍ପୃକ୍ତ ଫାର୍ମ ମାଲିକ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ଘଟଣାରେ ବାଲେଶ୍ୱରରୁ ପ୍ରାଣୀ ଚିକିତ୍ସା ବିଭାଗ ଅଧିକାରୀ କାଣ୍ଡଗରଡ଼ି ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଡେପୁଟି ସିଡିଭିଓ ଡା. ଶିବ ପ୍ରସାଦ ଦାସଙ୍କ ସମେତ ତିନିଜଣିଆ ଦଳ ପୋତା ଯାଇଥିବା ମୃତ କୁକୁଡ଼ାମାନଙ୍କୁ ମାଟି ଖୋଳି ଉଦ୍ଧାର କରିଥିଲେ। ସେମାନଙ୍କ ରକ୍ତ ନମୁନା ମଧ ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଇଥିଲେ। ତଥ୍ୟ ଆସିବା ପରେ ବର ଓ କନ୍ୟା ପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସେପଟେ ଥାନାରେ ସମ୍ପୃକ୍ତ କୁକୁଡ଼ା ଫାର୍ମ ମାଲିକ ଏତେଲା ଦେଇଥିଲେ ହେଁ ପରବର୍ତ୍ତୀ ସମୟରେ ଆପୋଷ ମିଳାମିଶା ହୋଇଯାଇଥିବାର ସୂଚନା ମିଳିଛି।

# ଜିଲ୍ଲା କଂଗ୍ରେସ ଟିମ୍‌ର ବ୍ରାହ୍ମଣୀ ସେତୁ ସ୍ଥଳ ପରିଦର୍ଶନ

ରାଉରକେଲା (ପିଏନ): ବହୁଚର୍ଚ୍ଚିତ ନିର୍ମାଣାଧିନ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଦାବି କରାଯାଇଛି। କାର୍ଯ୍ୟର ମାନରେ ଯେପରି କୌଣସି ପ୍ରକାର ସାଲିସ୍ ନ ହୁଏ ଓ କାର୍ଯ୍ୟରତ ଶ୍ରମିକ ତଥା ଛୋଟ ଠିକାଦାରମାନଙ୍କୁ ସେମାନଙ୍କ ପାଉଣା ଠିକ୍ ଭାବେ ପୈଠ କରିବାକୁ ଠିକା କମ୍ପାନୀ କର୍ତ୍ତୃପକ୍ଷଙ୍କୁ କଂଗ୍ରେସ ତରଫରୁ ଦାଗିଦ୍ କରାଯାଇଛି। ଜିଲ୍ଲା କଂଗ୍ରେସର ଏକ ଟିମ୍ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଉକ୍ତ ସେତୁ ସ୍ଥଳ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଶ୍ରୀ ତିର୍କୀ ଠିକା କମ୍ପାନୀ ମେସର୍ସ ପିଆର୍ ଅଗ୍ରୱାଲର ସାଇଟ୍ ଇନିୟରଙ୍କ ସହ ସେତୁ ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ଆଲୋଚନା କରିଥିଲେ। କମ୍ପାନୀ ଇନିୟର ଆଉ ୧୫ଟି ସ୍ଲାବ୍ ସେତୁ ଉପରେ ପଡିବାକୁ ବାକି ଅଛି ଏବଂ ଡିସେମ୍ବର ସୁଦ୍ଧା ତାହା ପଡିଯିବ ବୋଲି କହିଥିଲେ। ସେହିପରି ସେତୁର ଉଭୟ ପାର୍ଶ୍ୱ ସଂଲଗ୍ନ ରାସ୍ତା ଆସନ୍ତା ୨୦୨୨ ଅପ୍ରେଲ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ବୋଲି ସୂଚନା ଦେଇଥିଲେ। ତେବେ ସେତୁର ନିର୍ମାଣ କାର୍ଯ୍ୟ ଯେପରି ଧିର ମନ୍ଥର ଗତିରେ ଚାଲିଛି, ଉପରୋକ୍ତ ସମୟ ଭିତରେ ତାହା ସମ୍ପୂର୍ଣ୍ଣ ହେବା ନେଇ କଂଗ୍ରେସ ନେତୃବୃନ୍ଦ ସନ୍ଦେହ ପ୍ରକାଶ କରିଥିଲେ। ତେବେ ସେତୁ ନିର୍ମାଣ କାର୍ଯ୍ୟରେ ବିଳମ୍ବର କାରଣକୁ ଶ୍ରୀ ତିର୍କୀ ଅନୁଧ୍ୟାନ କରିବା ସହିତ ଏହି ଅବସରରେ କାର୍ଯ୍ୟରତ ଶ୍ରମିକ ଓ ଛୋଟ ଠିକାଦାରଙ୍କ ସହିତ ଆଲୋଚନା କରିଥିଲେ। ମୂଳ ଠିକା କମ୍ପାନୀ ପିଆର୍ ଅଗ୍ରୱାଲ ଦ୍ୱାରା ସେତୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସ୍ୱସ୍ତିକ ବୈଷ୍ଣବୀ ଇଂଜିନିୟରିଂ ନାମକ ଏକ ଛୋଟ ଠିକା ସଂସ୍ଥା କାର୍ଯ୍ୟ କଲା ପରେ ମଧ ମୂଳ ଠିକା କମ୍ପାନୀ ତାର ପ୍ରାୟ ୪୧ ଲକ୍ଷ ଟଙ୍କା ଦେଉନଥିବା ଜାଣିବାକୁ ପାଇଥିଲେ। ତେଣୁ ଉକ୍ତ ଠିକା ସଂସ୍ଥାକୁ ବକେୟା ୪୧ ଲକ୍ଷ ଟଙ୍କା ଗୋଟିଏ ମାସ ମଧ୍ୟରେ ପୈଠ କରିବାକୁ ପିଆର୍ ଅଗ୍ରୱାଲ କମ୍ପାନୀର ସାଇଟ୍ ଇନିୟର ଜରିଆରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଶ୍ରୀ ତିର୍କୀ ତାଗିଦ୍ କରାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସେତୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ମୂଳ ଠିକା କମ୍ପାନୀ ପିଆର୍ ଅଗ୍ରୱାଲ ପ୍ରାୟ ସମସ୍ତ ଛୋଟ ଠିକାଦାର ଓ ଶ୍ରମିକମାନଙ୍କୁ ଝାଡଖଣ୍ଡ, ବିହାର ଓ ଛତିଶଗଡରୁ ଆଣି ନିୟୋଜିତ କରିଥିବା ବେଳେ ଓଡିଶାର ଭଦ୍ରକ ଅଞ୍ଚଳର କେବଳ ଉକ୍ତ ସତ୍ୟମ ବୈଷ୍ଣବୀ ଇଂଜିନିୟରିଂ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲା। ତାର ପ୍ରାପ୍ୟ ନ ଦେଇ ତାକୁ ଠକିବାକୁ ପ୍ରୟାସ କରାଯାଉଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି। ଅନ୍ୟଥା କଂଗ୍ରେସ କମ୍ପାନୀର ଏହି ଠକେଇ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ତିର୍କୀ ଚେତାବନୀ ଦେଇଛନ୍ତି। ଏହି ଗସ୍ତ କାଳରେ ଶ୍ରୀ ତିର୍କୀଙ୍କ ସମେତ ପୂର୍ବତନ ସଭାପତି ବିରେନ ସେନାପତି, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ଉପସଭାପତି ଦେବବ୍ରତ ବିହାରୀ ଓ କୀର୍ତ୍ତନ ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ମହିଳା କଂଗ୍ରେସ ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ବ୍ଲକ୍ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ ଓ ଅମ୍ରିତ କୌର, ଝୁନୁ ପଟ୍ଟନାୟକ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର, ଅନ ବେହେରା, ରତିକାନ୍ତ ମଲ୍ଲିକ, ବିଜୟ ପଟ୍ଟନାୟକ, ପିଣ୍ଟୁ ନନ୍ଦ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ମେଘନାଥ ପାଖିରା, ଯୁବ କଂଗ୍ରେସ ଉପସଭାପତି କିରଣ ଏରିକା, ରଘୁନାଥପାଲ୍ଲୀ ଯୁବ ସଭାପତି ଅନୀଲ ଗୁରୁଙ୍ଗ, ଯୁବନେତା ଏମ୍‌ଡି ଇମ୍‌ତିଆଜ, ଶୁକଦେବ ବଡାଇକ, ଏମ୍‌ଡି ଗୁଲାମ ପ୍ରମୁଖ ଉପସ୍ଥିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଦଳ ତରଫରୁ କୁହାଯାଇଛି।

## ବରିଷ୍ଠ ନାଗରିକଙ୍କୁ ଯାତ୍ରୀ ଭଡାରେ ରିହାତି ଦେବା ସହିତ ପାସେଞ୍ଜର ଟ୍ରେନ୍‌ର ଯାତ୍ରୀ ଭଡା ବୃଦ୍ଧି ନ କରିବାକୁ କଂଗ୍ରେସର ଦାବି

ରାଉରକେଲା (ପିଏନ୍): ବରିଷ୍ଠ ନାଗରିକମାନଙ୍କୁ ରେଳ ଯାତ୍ରା ସମୟରେ ଭଡାରେ ରିହାତି ମିଳୁଥିଲା। ବରିଷ୍ଠ ନାଗରିକମାନଙ୍କୁ ଭଡାରେ ୪୦ ପ୍ରତିଶତ ରିହାତି ମିଳୁଥିବା ବେଳେ ବରିଷ୍ଠ ମହିଳା ନାଗରିକମାନଙ୍କୁ ରେଳ ଭଡାରେ ୫୦ ପ୍ରତିଶତ ରିହାତି ମିଳୁଥିଲା। ତେବେ କରୋନାଜନିତ ଲକ୍‌ଡାଉନ ପରଠାରୁ ବରିଷ୍ଠ ନାଗରିମାନଙ୍କ ଭଡାରେ ରିହାତି ବ୍ୟବସ୍ଥାକୁ ଉଚ୍ଛେଦ କରି ରେଳବାଇ କର୍ତ୍ତୃପକ୍ଷ ପୁରା ଅର୍ଥ ଆଦାୟ କରୁଛନ୍ତି। ତେବେ ଇତିମଧ୍ୟରେ ଲକ୍‌ଡାଉନ ହଟିବା ସହିତ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ବରିଷ୍ଠ ନାଗରିକମାନଙ୍କର ରେଳ ଯାତ୍ରା ବେଶ୍ ବୃଦ୍ଧି ପାଇଛି। ଅପରପକ୍ଷରେ ଅଦ୍ୟାବଧି ବରିଷ୍ଠ ନାଗରିକଙ୍କ ଯାତ୍ରୀଭଡାରେ ରେଳବାଇ କର୍ତ୍ତୃପକ୍ଷ ପୂର୍ବବତ ଯାହାକି ବ୍ୟବସ୍ଥାକୁ ପୁନଃ ପ୍ରଚଳନ ନ କରି ବରିଷ୍ଠ ନାଗରିକମାନଙ୍କୁ ଲୁଣ୍ଠନ କରୁଛନ୍ତି ବୋଲି ଜିଲ୍ଲା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇ ରେଳବାଇ ବୋର୍ଡ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ପାସେଞ୍ଜର ଟ୍ରେନ୍‌ଗୁଡିକୁ ଏକ୍ସପ୍ରେସ୍ ଟ୍ରେନ୍‌ରେ ପରିଣତ କରାଯାଇ ଚକ୍ରଧରପୁର ଡିଭିଜନର କେତେକ ପାସେଞ୍ଜର ଟ୍ରେନରେ ଯାତ୍ରୀମାନଙ୍କଠାରୁ ଏକ୍ସପ୍ରେସ୍ ଟ୍ରେନର ଭଡା ଆଦାୟ କରାଯାଉଛି ବୋଲି କଂଗ୍ରେସ ତରଫରୁ କୁହାଯାଇ ଏହାର ପ୍ରତିବାଦ କରାଯାଇଛି। ଉଦାହରଣ ସ୍ୱରୂପ ରାଉରକେଲା-ପୁରୀ ଓ ଟାଟା-ଝାରସୁଗୁଡା ଓ ଟାଟା-ଏତୱାରୀ ଆଦି ପାସେଞ୍ଜର ଟ୍ରେନର ଯାତ୍ରୀମାନଙ୍କଠାରୁ ଏକ୍ସପ୍ରେସ୍ ଟ୍ରେନ୍‌ର ଭଡା ଆଦାୟ କରାଯାଉଛି ବୋଲି ଜିଲ୍ଲା କଂଗ୍ରେସ ତରଫରୁ ରେଳବାଇ ବୋର୍ଡ ଅଧକ୍ଷଙ୍କ ଉଦ୍ଦେଶ୍ୟରେ ପ୍ରଦ ସ୍ମାରକପତ୍ରରେ କୁହାଯାଇଛି। ରେଳବାଇ କର୍ତ୍ତୃପକ୍ଷ ଏହି ଟ୍ରେନ୍‌ଗୁଡିକ ଏକ୍ସପ୍ରେସ୍ ଟ୍ରେନ୍‌ରେ ପରିଣତ କରାଯାଇଛି ବୋଲି କହୁଥିଲେ ହେଁ ବାସ୍ତବରେ ସମ୍ପୃକ୍ତ ଟ୍ରେନ୍‌ଗୁଡିକ ଯାତ୍ରା ସମୟରେ ପୂର୍ବ ରହଣୀ ସ୍ଥାନରେ ରହୁଥିବା ବେଳେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପୂର୍ବରୁ ଯେତିକି ସମୟ ଲାଗୁଥିଲା ସେତିକି ସମୟ କିମ୍ବା ତା ଠାରୁ ଅଧିକ ସମୟ ଲାଗୁଛି। ଯାତ୍ରୀମାନଙ୍କୁ ଏକ୍ସପ୍ରେସ୍ ଟ୍ରେନ୍‌ର ସୁବିଧା ନ ଦେଇ ଅନ୍ୟାୟ ଓ ଅବିଚାର ଭାବେ ବର୍ତ୍ତମାନର ମହଙ୍ଗା ସମୟରେ ଏକ୍ସପ୍ରେସ୍ ଟ୍ରେନ୍ ଭଡା ଆଦାୟ କରାଯାଇ ସାଧାରଣ ଯାତ୍ରୀଙ୍କୁ ଲୁଣ୍ଠନ କରାଯାଉଛି ବୋଲି କଂଗ୍ରେସ ତରଫରୁ କୁହାଯାଇଛି। ଗତ ତା-୧୮.୫.୨୨ ରିଖରେ ସ୍ଥାନୀୟ ରାଉରକେଲା ରେଳଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ରେଳବାଇ ବୋର୍ଡ ଅଧକ୍ଷଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯିବା ସହିତ ଏହାର ନକଲ ଦକ୍ଷିଣ-ପୂର୍ବ ରେଳବାଇର ମହାପ୍ରବନ୍ଧକ ଏବଂ ସିକେପି ଡିଭିଜନର ପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ତୁରନ୍ତ ବରିଷ୍ଠ ନାଗରିକଙ୍କୁ ଯାତ୍ରୀଭଡାରେ ରିହାତି ବ୍ୟବସ୍ଥା ଲାଗୁ କରିବା ସହିତ ପାସେଞ୍ଜର ଟ୍ରେନଗୁଡିକରେ ବୃଦ୍ଧି କରାଯାଇଥିବା ଭଡାକୁ ପ୍ରତ୍ୟାହାର କରିନେବାକୁ ଦାବି କରାଯାଇଛି। ଅନ୍ୟଥା ଏ ପ୍ରସଙ୍ଗକୁ ନେଇ ଜିଲ୍ଲା କଂଗ୍ରେସ ତରଫରୁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ଅବସରରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି କୀର୍ତ୍ତନ ଦାସ, ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ, ଇନଟକ ସଭାପତି ନିହାର ଦାସ, ମୁଖପାତ୍ର କୈଳାସ ସାହୁ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂ, ଜିଲ୍ଲା କଂଗ୍ରେସ କାର୍ଯ୍ୟନିର୍ବାହୀ ସଦସ୍ୟ ରୁକସାନା ବେଗମ, ବିଜୟ ପଟ୍ଟନାୟକ, ଭାସ୍କର ଖିଲ୍ଲାର, ଝୁନୁ ପଟ୍ଟନାୟକ, ବିଦ୍ୟାଧର ସିଂ, ରତିକାନ୍ତ ମଲ୍ଲିକ, ରେହେମାନ ଖାନ, ବାବୁ ଖାନ, ସେବାଦଳର ସାରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ତାଲିବାନଙ୍କ ପାପ ପୂଣ୍ୟ ବିଚାର

ଅଗଷ୍ଟ ମାସ ୧୫ ତାରିଖ ଦିନ ଦୁର୍ଦ୍ଦାନ୍ତ ତାଲିବାନ ମାନେ ଆଫଗାନିସ୍ତାନର ରାଜଧାନୀ କାବୁଲ ଅଧିକାର କରି ତାଙ୍କ ଏମିରେଟ ଶାସନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛନ୍ତି। ଆଗରୁ୧୯୯୬ ରୁ ୨୦୦୧ ମସିହା ପର୍ଯ୍ୟନ୍ତ ସେମାନେ ଆଫଗାନିସ୍ତାନର ଶାସନର ପ୍ରଥମ ଅଙ୍କ କାର୍ଯ୍ୟକାରି କରିଥିଲେ। ସେତେବେଳେ ତାଙ୍କର କ୍ରୁର ଶାସନ ପାଇଁ ସାରା ବିଶ୍ୱରେ ସେମାନେ ନିନ୍ଦିତ ହୋଇଥିଲେ ମଧ୍ୟ ତାଲିବାନ ମାନେ ଆଦୌ ଭ୍ରୁକ୍ଷେପ କରିନଥିଲେ। ମାତ୍ର ତିନୋଟି ଦେଶ ପାକିସ୍ତାନ,ସାଉଦୀ ଆରବ ଓ ଆରବ ଏମିରେଟ ତାଙ୍କୁ ସ୍ୱିକୃତି ଦେଇଥିଲେ।

ବିଶ୍ୱର ଏକ ନମ୍ବର ଆତଙ୍କବାଦୀ, ଆମେରିକାର ଚରମ ଶତ୍ରୁ ଓସମାନ ବିନ ଲାଦେନ କୁ ସେମାନେ ନିଜ ମାଟିରେ ଆଶ୍ରୟ ଦେଇଥିଲେ। ୯/ ୧୧,୨୦୦୧ ମସିହାରେ ଲାଦେନର ଆଲକାଇଦା ସଂଗଠନର ଆମେରିକାର ନିୟୁର୍କ ଠାରେ ଥିବା ବିଶ୍ୱ ଟ୍ରେଡ ଟାୱାର ଉପରେ ଆକ୍ରମଣରେ ପ୍ରାୟ ୩୦୦୦ ଆମେରିକା ନାଗରୀକଙ୍କ ମୃତ୍ୟୁହେଲା। ଏହାର ପ୍ରତିଶୋଧ ପାଇଁ ଆମେରିକା ଆଫଗାନିସ୍ତାନ ଉପରେ ବିମାନ ଆକ୍ରମଣ କରି ତାଲିବାନ ବିରୋଧି ନର୍ଥନ ଆଲିଆନସଙ୍କ ସାହାଯ୍ୟରେ ତାଲିବାନଙ୍କୁ କ୍ଷମତା ଚ୍ୟୁତ କଲା। ତାଲିବାନ ମାନେ ପାକିସ୍ତାନର ପାହାଡ ଜଙ୍ଗଲରେ ଲୁଚି ରହିଲେ। ଆମେରିକା ସମର୍ଥିତ





ଆଲିଆନସ ସରକାର ଉପରେ ଗରିଲା ଆକ୍ରମଣ ଜାରି ରଖିଲେ। ଆମେରିକାର ସମସ୍ତ ଚେଷ୍ଟା ସତ୍ୱେ ଆଫଗାନିସ୍ତାନର ଅନେକ ଅ-ଞ୍ଚଳ ନିଜ ଅକ୍ତିଆରକୁ ନେଇଗଲେ। ନିଜର ସୈନ୍ୟଙ୍କର ମୃତ୍ୟୁରେ ବ୍ୟଥିତ ହୋଇ ଆମେରିକା ବାଧ୍ୟ ହୋଇ ତାଲିବାନଙ୍କ ସହ ଏକ ନାମ ମାତ୍ର ଶାନ୍ତି ଚୁକ୍ତି କରି ଆଫଗାନିସ୍ତାନରୁ ବିଦାୟ ନେଲା ଓ ପୁଣି ଥରେ ଆଫଗାନିସ୍ତାନରେ ତାଲିବାନ ଶାସନ ଆରମ୍ଭ ହେଲା।

ଏଥରକ ତାଲିବାନର ଆଫଗାନିସ୍ତାନ ଅଧିକାର ଅଧିକ କ୍ଷୀପ୍ର ଓ ସଂପୂର୍ଣ୍ଣ ଥିଲା। ଏପର୍ଯ୍ୟନ୍ତ ସେମାନେ ଅଧିକାର କରିପରି ନଥିବା ପାନଶିର ଭାଲି ମଧ୍ୟ ଅଧିକୃତ ହେଲା। ଆଶା କରାଯାଉଥିଲା ଏଥର କ ତାଲିବାନମାନେ ବାସ୍ତବବାଦୀ ହୋଇ ବିଶ୍ୱର ଜନମତକୁ ସମ୍ମାନ ଜଣାଇ କିଛିଟା କୋହଳ ମନୋଭାବ ପ୍ରଦର୍ଶନ କରିବ। ମାତ୍ର କୁକୁର ଲାଙ୍ଗୁଡ ସବୁବେଳେ ବଙ୍କା ଭଳି, ତାଲିବାନମାନେ ଶାସନ ଆରମ୍ଭରୁ ହିଁ ତାଙ୍କ ଅଗଣତାନ୍ତ୍ରିକ, ମାନବବାଦ ବିରୋଧି ମନୋଭାବ ପ୍ରଦର୍ଶନ କରିଛନ୍ତି।

ବିଶ୍ୱ ଆତଙ୍କବାଦୀ ତାଲିକାରେ ଥିବା ଅନେକ ବ୍ୟକ୍ତିଙ୍କୁ ମନ୍ତ୍ରୀମଣ୍ଡଳର ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେଇଛନ୍ତି। କଠୋର ଇସଲାମିକ ସାରିଆତ ଆଇନ ବଳରେ ସେମାନେ ଶାସନ କରିବେ ବୋଲି ଘୋଷଣା କରିଛନ୍ତି। ଏହି ଆଇନକୁ କାର୍ଯ୍ୟକାରି କରିବା ପାଇଁ ସେମାନେ ପାପ-ପୂଣ୍ୟ ବିଭାଗ (Virtue and Vice Department) ନାମରେ ଏକ ନୂଆ ବିଭାଗ ସୃଷ୍ଟି କରିଛନ୍ତି। ଏହି ବିଭାଗର ମୁଖ୍ୟ ଜଣେ ବରିଷ୍ଠ ମୁଲ୍ଲା ଅଛନ୍ତି। ଅ-ଳର କମାଣ୍ଡର,ମସଜିଦର ଇମାମ ଲୋକଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଛି। ତାଲିବାନର ସୈନ୍ୟ ମାନେ ବୁଲି ବୁଲି ଲୋକମାନେ ଆଇନ ପାଳୁଛନ୍ତି କି ନାହିଁ ତଦାରଖ କରୁଛନ୍ତି।

ପ୍ରଥମ ଚଡକ ପଡିଛି ଶିକ୍ଷା ଉପରେ। ଇଂଲିଶ ମେଡିଅମ ସ୍କୁଲ କୁ ନିଷେଧ କରାଯାଇଛି। ନାରୀ ଶିକ୍ଷା ଉପରେ ରୋକ ଲଗା ଯାଇଛି। ଝିଅ ମାନେ ଚାକିରି କରି ପାରିବେନି,ତେଣୁ ଅଧିକ ହେଲେ ଛଅ ଷ୍ଟାଣ୍ଡାର୍ଡ ଯାକେ ପଢି ପାରିବେ। ସେମାନେ ଖେଳି ପାରିବେ ନାହିଁ, ସହ ଶିକ୍ଷା ଉପରେ ରୋକ ଲଗା ଯାଇଛି। ଝିଅ ମାନଙ୍କୁ ସ୍ତ୍ରୀ ଶିକ୍ଷକ ହିଁ ପଢାଇ ପାରିବେ। ଛାତ୍ରୀ ମାନେ ବୁର୍ଖା ପିନ୍ଧି ସ୍କୁଲକୁ ଆସିବେ। ଆଗ ଶାସନ କାଳରେ ନାରୀ ମାନଙ୍କୁ ଶିକ୍ଷା ଚାକିରି,ପୋଷାକ ପିନ୍ଧାରେ ସ୍ୱାଧିନତା ଦିଆ ଯାଇଥିଲା। ପ୍ରାୟ ୪୦ ଶତକଡା କାବୁଲର ସରକାରୀ କର୍ମଚାରୀ ନାରୀ ଥିଲେ। ପିଲା ମାନଙ୍କୁ ମାଦ୍ରାସାରେ ପଢିବାକୁ କୁହାଯାଉଛି।

ତାଲିବାନଙ୍କ ନାରୀ ବିରୋଧି ମନୋଭାବ ବିରୁଦ୍ଧରେ କେତେକ ସ୍ଥାନରେ ପ୍ରତିବାଦ ହେଲେ ମଧ୍ୟ ତାହା ଦମନ କରାଯାଇଛି। ଅନେକ ଶିକ୍ଷିତ ଲୋକେ ଦେଶ ଛାଡି ପଳାଇ ଗଲେଣି। ପାଠ ପଢିବାରୁ କୁନି ଝିଅ ମାଲାଲା କିପରି ତାଲିବାନଙ୍କ ଆକ୍ରମଣର ଶୀକାର ହୋଇଥିଲା ତାହା ସମସ୍ତେ ଜାଣନ୍ତି। ବ୍ୟକ୍ତିଗତ ଚଳଣି ପାଇଁ ତାଲିବାନ ମାନେ କଠୋର ନିୟମ ମାନ ଜାରି କରିଛନ୍ତି। ସ୍ତ୍ରୀ ମାନେ ବାହାରକୁ ଗଲାବେଳେ ସଂପୂର୍ଣ୍ଣ ବୁର୍ଖା ଆବୃତ ରହିବେ। ସେମାନେ ସାଙ୍ଗରେ ନିଜ ଲୋକ ସହ ଯିବେ। ପର ପୁରୁଷ ସହ ବ୍ୟଭିଚାରରେ ଲିପ୍ତ ଯଦି ହୁଅନ୍ତି ଓ ତାହା ଚାରିଜଣ ସାକ୍ଷୀଙ୍କ ଦ୍ୱାରା ପ୍ରମାଣିତ ହୁଏ, ତାହାହେଲେ ତାକୁ ମୃତ୍ୟୁଦଣ୍ଡ ଦିଆଯିବ। ତାର ଶିର ଛେଦ ହେବ କିମ୍ବା ସର୍ବସାଧାରଣ ଜାଗାରେ ଟେକା ମାରି ହତ୍ୟା କରାଯିବ। ଫିଲିମ ଦେଖିବା, ଟିଭି ଦେଖିବା, ସ୍ମାର୍ଟ ଫୋନ ବ୍ୟବହାର କରିବା, ପାରା, କୁକୁଡା ଖେଳାଇବା ଦଣ୍ଡାବହ। ସିନେମା ହଲ,ପାର୍ଲର,ସ୍ପା,ଆଦି ନିଷେଧ ହୋଇଛି। ପାନ, ସିଗାରେଟ ଟଣା, ଗୁଟୁକା,ମଦ୍ୟ ପାନ ଉପରେ ରୋକ ଲଗାଯାଇଛି।

ପୁରୁଷମାନେ ଦାଢୀ କାଟି ପାରିବେ ନାହିଁ। ମୁଣ୍ଡରେ ପଗଡି ପିନ୍ଧିବେ। ନିୟମିତ ମସଜିଦକୁ ଯିବେ। ପା-ଞ୍ଚ ଥର ନମାଜ ପଢିବେ। ଆଇନ ନମାନିଲେ ସତର୍କ କରାଯିବ। ଚାବୁକ ଓ ବନ୍ଧୁକ ବଟରେ ମାଡ ଦିଆ ଯିବ,ଜେଲ ପଠାଇ ଦିଆଯିବ। ପରିବାର ଲୋକଙ୍କୁ ମଧ୍ୟ ନିର୍ଯ୍ୟାତନା ଦିଆଯିବ। ଚୋରି, ଠକେଇ ପାଇଁ ହାତ କଟା ବ୍ୟବସ୍ଥା ରହିଛି। ଶତ୍ରୁଙ୍କୁ ସାହାଯ୍ୟ କଲେ ଗୁଳି କରାଯିବ।

ଆଫଗାନିସ୍ତାନରେ ଅନେକ ବିଦେଶୀ ସାହାଯ୍ୟକାରୀ ସଂସ୍ଥା ନିଜର ଶାଖା ମାନ ଖୋଲି କାର୍ଯ୍ୟ କରୁଛନ୍ତି। ତାଲିବାନ ଆସିଲା ପରେ ଅନେକଙ୍କୁ ଅଫିସ ବନ୍ଦ କରି ନିଜ ନିଜ ଦେଶକୁ ଫେରି ଯିବାକୁ ନିର୍ଦ୍ଦେଶ ଦିଆଗଲାଣି। ଅନେକ ସମ୍ବାଦ ସଂସ୍ଥା ମଧ୍ୟ ବନ୍ଦ ହୋଇଗଲାଣି। ବିଦେଶୀ ସାମ୍ବାଦିକମାନେ ଦୁର୍ବ୍ୟବହାରର ସମ୍ମୁଖୀନ ହେଲେଣି। ଅନେକ ଦେଶ ତାହା ସହ ସଂପର୍କ ଛିନ୍ନ କଲେଣି। ମାତ୍ର କୋରାନ ଓ ଆଲ୍ଲାଙ୍କ ଉପରେ ବିଶ୍ୱାସ ରଖିଥିବା ତାଲିବାନ ଙ୍କର ସେଥିପାଇଁ ଚିନ୍ତା ନାହିଁ। ତାଙ୍କ କାମରେ ପାକିସ୍ତାନ ଓ ସାଉଦୀ ଆରବ ପୂର୍ଣ୍ଣ ସମର୍ଥନ ଦେଉଛି।

ତାଲିବାନମାନେ ଦାବି କରନ୍ତି ତାଙ୍କ ଶାସନ ଓ ନ୍ୟାୟ ବ୍ୟବସ୍ଥା ସଂପୂର୍ଣ୍ଣ ଦୁର୍ନୀତିମୁକ୍ତ ଓ କ୍ଷୀପ୍ର। ଗଣତାନ୍ତିକ ରାଷ୍ଟ୍ର ଭଳି ବିଳମ୍ବିତ ବା କଳୁଷିତ ନୁହଁ। ବ୍ୟକ୍ତିକୁ ସର୍ବସ୍ୱାନ୍ତ ହୋଇ ବର୍ଷ ବର୍ଷ ଧରି ନ୍ୟାୟ ପାଇଁ ଅପେକ୍ଷା କରିବାକୁ ପଡିବ ନାହିଁ। ଦଣ୍ଡ କଠୋର ହୋଇପାରେ, ମାତ୍ର ତାହାଫଳରେ ସମାଜରେ ଅପରାଧ କରିବାକୁ ଭୟ ସୃଷ୍ଟି ହେବ, ଆଇନକୁ ଫାଙ୍କି ଶାସନ ସହ ଲୁଚିକାଳି ଖେଳ ଖେଳିବାକୁ ସୁଯୋଗ ଦିଆଯିବ ନାହିଁ। ବିଶ୍ୱର ଗଣମାଧ୍ୟମମାନଙ୍କର ନକାରାତ୍ମକ ପ୍ରଚାର ସତ୍ୱେ ସେମାନଙ୍କ କଥାର କିଛିଟା ସତ୍ୟତା ଅଛି। ଆମେରିକାର ବୋମାମାଡକୁ ୨୦ ବର୍ଷ ଧରି ପ୍ରତିରୋଧ କରି ସେମାନେ ଯେପରି ତା’ ନାକ ଆଗରେ ଦେଶକୁ ଅଧିକାର କରିଗଲେ, ତାହା ଜନସମର୍ଥନ ବିନା ସମ୍ଭବ ନୁହେଁ।

ସାଉଦୀ ଆରବ ଭଳି ଦେଶରେ ମଧ୍ୟ ଅଙ୍ଗ ଛେଦ ଭଳି ଦଣ୍ଡ ଦିଆଯାଉଛି। ସିଙ୍ଗାପୁର ଭଳି ଉନ୍ନତ ଦେଶରେ ମଧ୍ୟ ଚାବୁକ ମାଡ ଅଛି। ଆମ ଦେଶରେ ପୋଲିସମାନେ ଅପରାଧୀଙ୍କୁ କିପରି ଶାରିରିକ ନିର୍ଯ୍ୟାତନା ଦିଅନ୍ତି, ଫଲସ ଏନକାଉଣ୍ଟର କରନ୍ତି ତାହା ଜଣା। ଆଇନକୁ ଫାଙ୍କି ଅପରାଧୀମାନେ କିପରି ଲୁଚକାଳି ଖେଳି ନିଶ ମୋଡି ବୁଲନ୍ତି। ନ୍ୟାୟ ବ୍ୟବସ୍ଥା କିପରି ପ୍ରହସନରେ ପରିଣତ ହେଲାଣି, ଆଇନର ପ୍ରବକ୍ତାମାନେ କିପରି ବର୍ଷ ବର୍ଷ ଧରି କୋର୍ଟ ବନ୍ଦ କରୁଛନ୍ତି, ବିଚାରପତିମାନେ ଅସହାୟ ହୋଇ ନିରବ ଦର୍ଶକ ସାଜୁଛନ୍ତି, ସେସବୁ ଦେଖିଲେ ତାଲିବାନଙ୍କ କଥାରେ କିଛିଟା ସତ୍ୟତା ଅଛି ବୋଲି ମନେହୁଏ। ଆତଙ୍କବାଦକୁ ସୃଷ୍ଟି କରି ଓ ତାକୁ ପୋଷଣ କରୁଥିବା ପାକିସ୍ତାନକୁ ବିଭିନ୍ନ ଆଳରେ କୋଟି କୋଟି ଟଙ୍କା ସାହାଯ୍ୟ ଦେଇ, ଆମେରିକାର ମାନବବାଦର ପ୍ରଚାର ଓ ୱାର ଅନ ଟେରର ଘୋଷଣା ଏକ ପ୍ରହସନ ଓ ସଇତାନର ବେଦ ପାଠ ଛଡା କିଛି ନୁହେଁ।

**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,ମୋ:୯୪୩୭୨୩୫୩୮୬*

ହୈମବତୀ ନନ୍ଦନ ଭୂୟାଁ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଫେବୃଆରୀ ୧**

# ଶ୍ରୀପଞ୍ଚମୀ



ଡ଼ଃ.ଅରୁନ୍ଧତୀ ଦେବୀ

ପ୍ରତି ବର୍ଷ ମାଘ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ଶ୍ରୀପଞ୍ଚମୀ ଦିନ ମାତା ସରସ୍ୱତୀଙ୍କ ପୂଜା କରାଯାଇଥାଏ । ଜ୍ଞାନ ଏବଂ ବାଣୀର ଦେବୀ ମାତା ସରସ୍ୱତୀ ଏହି ଦିନ ପ୍ରକଟ ହୋଇଥିବା ବେଦ ଓ ପୁରାଣରେ ବର୍ଣ୍ଣିତ । ସେଥିପାଇଁ ଏହି ଦିନକୁ ସରସ୍ୱତୀ ଜନ୍ମୋତ୍ସବ ଭାବେ ପାଳନ କରାଯାଇଥାଏ । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ସୃଷ୍ଟି ନିର୍ମାଣ ପରେ ଦେଖିଲେ ଯେ ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସୃଷ୍ଟି ମୃତପ୍ରାୟ ଶାନ୍ତ ରହିଛି । ସୃଷ୍ଟିରେ କୌଣସି ସ୍ୱର କିମ୍ବା ବାଣୀ ନାହିଁ । ଉଦାସ ସୃଷ୍ଟିକୁ ଦେଖି ବ୍ରହ୍ମଦେବ ନିରାଶ ଏବଂ ଦୁଃଖୀ ହୋଇପଡ଼ିଲେ । ବ୍ରହ୍ମାଦେବ ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ଏବଂ ନିଜ ଉଦାସୀନ ସୃଷ୍ଟି ବିଷୟରେ କହିଲେ। ବ୍ରହ୍ମଦେବଙ୍କ କଥା ଶୁଣିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ମାତା ସରସ୍ୱତୀଙ୍କ ଆହ୍ୱାନ କରିବାକୁ କହିଲେ । କେବଳ ମାତା ସରସ୍ୱତୀ ହିଁ ଏହି ସମସ୍ୟାର ସମାଧାନ କରିପାରିବେ ବୋଲି ଭଗବାନ ବିଷ୍ଣୁ କହିଲେ।

ଭଗବାନ ବିଷ୍ଣୁ କଥନ ଅନୁଯାୟୀ ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଆହ୍ୱାନ କଲେ । ଦେବୀ ହାତରେ ବୀଣା ନେଇ ପ୍ରକଟ ହେଲେ । ବୀଣାରେ ସୃଷ୍ଟିରେ ସ୍ୱର ଭରିବା ଲାଗି ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଅନୁରୋଧ କଲେ । ଦେବୀ ସରସ୍ୱତୀ ବୀଣାର ତାରକୁ ଛୁଇଁବା କ୍ଷଣି ସେଥିରୁ 'ସା' ଶବ୍ଦ ଉତ୍ପନ୍ନ ହେଲା। ଏଇଥିରୁ ସଂଗୀତର ପ୍ରଥମ ସ୍ୱର ଜନ୍ମ ନେଲା । ସା ସ୍ୱରର କମ୍ପନ ସହିତ ବ୍ରହ୍ମାଙ୍କ ମୁକ ସୃଷ୍ଟିରେ ଧ୍ୱନି ସଂଚରିତ ହେଲା । ବାୟୁ, ସାଗର, ପଶୁପକ୍ଷୀ ଏବଂ ଅନ୍ୟ ଜୀବଙ୍କୁ ବାଣୀ ମିଳିଗଲା । ନଦୀରେ କୁଳୁ କୁଳୁ ସ୍ୱର ଭରିଗଲା । ଏହା ଦେଖି ବ୍ରହ୍ମଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ । ସେ ସରସ୍ୱତୀଙ୍କୁ ବାଣୀର ଦେବୀ ନାମରେ ସମ୍ବୋଧିତ କରିବା ସହ ବାଗେଶ୍ୱରୀ ନାମ ଦେଲେ । ହାତରେ ବାଣୀ ଥିବା କାରଣରୁ ସେ ବୀଣାପାଣି ନାମରେ ଖ୍ୟାତ ହେଲେ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ବାକ୍ ଦେବୀ ଓ ବସନ୍ତ ପଞ୍ଚମୀ

'ମାତା ପୁତ୍ରୌ ତୁ ବାକ୍ ପ୍ରାଣୌ, ମାତା ବା ପିତରଃ ସୁତଃ।'



ଡକ୍ଟର ସୁରେଶ କୁମାର ନାୟକ

ପିଲାମାନେ ଜୀବନରେ ପରିବର୍ତ୍ତନ ଅତି ଆବଶ୍ୟକ । ଆଜି ଅର୍ଥାତ୍ ମାଘ ଶୁକ୍ଳ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କର ଆବାହନ ତଥା ପୂଜା-ବନ୍ଦନା କରାଯାଇଥାଏ। ବସନ୍ତର ଅୟମାରମ୍ଭରେ ଧରଣୀରାଣୀ ସକଳ ସୌନ୍ଦର୍ଯ୍ୟକୁ ଅଙ୍ଗୀଭୂତ କରି ସକଳ ପରିପୂର୍ଣ୍ଣତାରେ ଅଭିସିକ୍ତ ହୋଇ, ମଙ୍ଗଳମୟୀ ଆଦ୍ୟାଶକ୍ତିର ପଦପ୍ରାନ୍ତରେ ପୂଜା ଅର୍ଚ୍ଚନା ବାଢ଼େ ଏହି ପୁଣ୍ୟ ଦିବସରେ। ଏଣୁ ଏହି ପଞ୍ଚମୀ, ଶ୍ରୀପଞ୍ଚମୀ ବା ବସନ୍ତ ପଞ୍ଚମୀ ନାମରେ ମଧ୍ୟ ସୁବିଦିତ। ବସନ୍ତ ଋତି ପରିବର୍ତ୍ତନର ଆରମ୍ଭ । ଏହାର ଆଗମନରେ ପ୍ରକୃତି ମନମୋହକ ରୂପ ଧାରଣ କରେ । ଯାହା ମାନସିକ ଓ ଶାରୀରିକ ସ୍ତରରେ ଶାନ୍ତି ପ୍ରଦାନ କରେ । ଏହି ଋତୁରେ ବସନ୍ତ ପଞ୍ଚମୀ ପର୍ବ ପାଳନ କରାଯାଏ । ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ଜନ୍ମ ଏହି ବସନ୍ତ ପଞ୍ଚମୀରେ ହୋଇଥିଲା । ଏଣୁ ବିଦ୍ୟାରମ୍ଭ ପୂର୍ବରୁ ତାଙ୍କ ଆରାଧନା ଆବଶ୍ୟକ । ବାଣୀ, ବୁଦ୍ଧି, ବିଦ୍ୟା ଓ ଜ୍ଞାନର ସେ ହେଉଛନ୍ତି ଅଧିଷ୍ଠାତ୍ରୀ ଦେବୀ । ପୌରାଣିକ କଥାବସ୍ତୁ ଅନୁସାରେ, ମା ସରସ୍ୱତୀ ଭଗବାନ କୃଷ୍ଣଙ୍କ କଣ୍ଠରୁ ପ୍ରକଟ ହୋଇଥିଲେ । ସେତେବେଳେ ସେ ହାତରେ ବୀଣା, ପୁସ୍ତକ, ମୁଦ୍ରା, ମାଳି ଧରି ଶ୍ୱେତ ବସ୍ତ୍ରରେ ଧରାପୃଷ୍ଠକୁ ଆସିଥିଲେ । କୃଷ୍ଣ ଅବତାର ସମୟରେ ଦେବୀ ସରସ୍ୱତୀଙ୍କ ଉପରେ ପ୍ରୀତ ହୋଇ ପ୍ରତିବର୍ଷ ବସନ୍ତ ପଞ୍ଚମୀରେ ତାଙ୍କ ଆରାଧନା କରାଯିବ ବୋଲି ଭଗବାନ ବିଷ୍ଣୁ ବର ପ୍ରଦାନ କରିଥିଲେ । ଏହି ଦିନ ହଳଦିଆ ବସ୍ତ୍ର ପରିଧାନ କଲେ ଶୁଭଫଳ ମିଳିଥାଏ । କାରଣ ଏହି ରଙ୍ଗ ବୁଦ୍ଧିର ପରିଚାୟକ ଅଟେ । ସରସ୍ୱତୀଙ୍କୁ ଭଗବତୀ, ଶାରଦା, ବୀଣାବାଦନୀ ଏବଂ ବାଗ୍‌ଦେବୀଙ୍କ ନାମରେ ପୂଜା କରାଯାଏ । ସଙ୍ଗୀତର ଉତ୍ପତ୍ତି କରିଥିବାରୁ ତାଙ୍କୁ ସଙ୍ଗୀତର ଦେବୀ ଭାବେ ବିବେଚନା କରାଯାଏ । ଏହି ପର୍ବକୁ ସନାତନ ଧର୍ମରେ ଶ୍ରୀପଞ୍ଚୀ ନାମରେ ନାମିତ କରାଯାଇଛି । ଏହି ଦିନ ମା'ଲକ୍ଷ୍ମୀଙ୍କୁ ମଧ୍ୟ ଆରାଧନା କରାଯାଏ । ଏଇ ପବିତ୍ର ଦିନରେ ସେ ବିଷ୍ଣୁଙ୍କୁ ବରଣମାଳା ପିନ୍ଧାଇଥିଲେ । ଋତୁରାଜ ବସନ୍ତର ମହତ୍ୱ ଆୟୁର୍ବେଦର ଆଚାର୍ଯ୍ୟମାନେ ମଧ୍ୟ ସ୍ୱୀକାର କରିଥିଲେ । ଏହି ଋତୁରେ ଶରୀରରେ ନୂତନ ରକ୍ତ ସଞ୍ଚାର ହୋଇଥାଏ । ମନୁଷ୍ୟ ତେଜସ୍ୱୀ ହୋଇଥାଏ । ଏହି ଋତୁରେ ବ୍ୟାୟାମ୍ ଅନ୍ୟଋତୁ ଅପେକ୍ଷା ଢ଼େର ଗୁଣା ଅଧିକ ଲାଭଦାୟକ ।

ଆଜି ମା'ସରସ୍ୱତୀଙ୍କ ସମ୍ପର୍କରେ ଆଲେଖ୍ୟ, ଭକ୍ତି ନୈବେଦ୍ୟ ଅର୍ପଣ କଲାବେଳେ ପୌରାଣିକ କଥାବସ୍ତୁକୁ ଏଠାରେ ଉଲ୍ଲେଖ କରୁଛି। ବିଶିଷ୍ଟ ଭରଦ୍ୱାଜ ଆଦି ଋଷିଗଣ ଋଗ୍ ବେଦର ନାନା ସ୍ଥାନରେ ସେହି ଦେବୀଙ୍କର ବନ୍ଦନା ସଙ୍ଗେ ସଙ୍ଗେ ନଦୀର ବର୍ଣ୍ଣନ ଯେ କାହିଁକି କରିଛନ୍ତି ତାହା ପ୍ରଣିଧାନଯୋଗ୍ୟ। ବୋଧହୁଏ ଏହି ଦିବ୍ୟଦ୍ରଷ୍ଟା ସାଧକ ଋଷିଗଣ ଅନୁଭବ କରିଛନ୍ତି ସେ ଜ୍ଞାନ ରୂପକ ନଦୀର ସ୍ରୋତରେ ବହିଯାଇ ସେମାନେ ଭୁମାନନ୍ଦ ଲାଭ କରିଅଛନ୍ତି। ଏଣୁ ଦେବୀ ସରସ୍ୱତୀ ଦିବ୍ୟଜ୍ଞାନ ସ୍ରୋତରେ ସେମାନଙ୍କ ଗତିକୁ ବଢ଼ାଇବାରେ ଏକମାତ୍ର ସହାୟକ। ଦେବୀ ସରସ୍ୱତୀ ସ୍ରୋତସ୍ୱତୀ ହୋଇ ପ୍ରଜ୍ଞା ରୂପକ ପୂର୍ଣ୍ଣ୍ୟ ଜଳରାଶିର ଉଚ୍ଛ୍ୱାସରେ ଗତିପଥର ସମସ୍ତ ବନ୍ଧୁର ବିଘ୍ନରାଜିରୁ ସେମାନଙ୍କୁ ଅତିକ୍ରାନ୍ତ କରାଇ ପୁନଶ୍ଚ ଦେବୀଙ୍କୁ 'ସୁଶମା ସରସ୍ୱତୀ' ରୂପେ ଅର୍ଥାତ୍ ସୁନିୟନ୍ତ୍ରଣକାରିଣୀ ରୂପେ ପରିକଳ୍ପନା କରାଯାଇଅଛି। ସ୍ଥୂଳ ଅନୁଭୂତିରୁ ସୂକ୍ଷ୍ମ ଅନୁଭୂତି ପର୍ଯ୍ୟନ୍ତ ଜଡ଼ ଚେତନାରୁ ସୂକ୍ଷ୍ମାତିସୂକ୍ଷ୍ମ ଆଧାତ୍ମଚେତନା ପର୍ଯ୍ୟନ୍ତ ଯିବା ପାଇଁ ଯେଉଁ ମାର୍ଗ ନିର୍ଦ୍ଦେଶିତ ହୋଇଛି ତାହାର ସୁନିୟନ୍ତ୍ରଣକାରିଣୀ ସ୍ୱୟଂ ଦେବୀ ସରସ୍ୱତୀ। ଆଧାତ୍ମ ଚେତନାର ବଶବର୍ତ୍ତୀ ହୋଇ ଋଷିମାନେ ତାଙ୍କୁ ମହାସତ୍ୟା, ମହାପ୍ରବାହ, ବୁଦ୍ଧି ଧାରିଣୀ, ଭାରତୀ, ବାକ୍‌ଦେବୀ ରୂପରେ ବିଶେଷଣରେ ଭୂଷିତା କରିଥାନ୍ତି। ବୃହଦ୍ ଦେବତା ଗ୍ରନ୍ଥରେ ଅଛି – ମାତା ପୁତ୍ରୌ ତୁ ବାକ୍ ପ୍ରାଣୌ, ମାତା ବା ପିତରଃ ସୁତଃ। ସରସ୍ୱନ୍ତମିତି ପ୍ରାଣୋ ବାଚଂ, ପ୍ରାହୁଃ ସରସ୍ୱତୀମ୍। ବାକ୍ ଓ ପ୍ରାଣର ମାତା ଓ ପୁତ୍ର ସମ୍ବନ୍ଧ। ବାକ୍ ମାତା ଓ ପ୍ରାଣ ପୁତ୍ର। ପ୍ରସାରଣଶୀଳ ପ୍ରାଣ (ନିଶ୍ୱାସ)ର ନାମ ସରସୂତ ଓ ଭାଷାର ନାମ ସରସ୍ୱତୀ। ସରସ୍ୱତୀଙ୍କ ପୂଜା ଦିବସରେ ସରସ୍ୱତୀଙ୍କ କୃପା ସମସ୍ତଙ୍କ ଉପରେ ଜ୍ଞାନ ପ୍ରଦାନ ସହ ଆଧାତ୍ମିକ ଜୀବନ ପାଇଁ ମାର୍ଗ ଦେଖାଉ ଏହା ହିଁ କାମନା।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*

# ଭଗବତୀ ଭାରତୀ ଦେବୀ ନମସ୍ତେ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ମା'ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି – ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ – ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି। ମା'ସରସ୍ୱତୀଙ୍କର ବହୁ ନାମ ରହିଛି – ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି। ମା'ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ। ଏହାର ତାତ୍ପର୍ଯ୍ୟ କ'ଣ ? ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସମୀପରେ ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସମସ୍ତ ବିଷୟରେ ଆଲୋଚନା ହୋଇଛି। ସରସ୍ୱତୀ ଶବ୍ଦର ଅର୍ଥ – ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା'ସରସ୍ୱତୀ ହେଲେ ଜଳବତୀ। ଧାତୁଗତ ଅର୍ଥ ପ୍ରୟୋଗ କରି ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ – ସରସ୍ ଶବ୍ଦର ଧାତୁ ହେଉଛି ସୃ ଧାତୁ – ଅର୍ଥ ଗତି ବା ଚାଲିବା। ତେଣୁ ଶ୍ରୀ ଶ୍ରୀ ଠାକୁର କହିଲେ – ସରସ୍ୱତୀ ଅର୍ଥ ଗତିବତୀ, ଗତିର ପ୍ରତୀକ। ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା। ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି। ମା'ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ। ବାକ୍‌ମାନେ ଶବ୍ଦ। ତେଣୁ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର କହିଲେ – ମା'ସରସ୍ୱତୀ ଶବ୍ଦର ଦେବୀ। ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ। ସୃଷ୍ଟିର ଆଦିରେ ଅଛି ଗତି। ଅନନ୍ତ ବକ୍ଷରେ ଆକର୍ଷଣ-ବିକର୍ଷଣ ମଧ୍ୟ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର – ଗତି ଓ ସ୍ପନ୍ଦନ ବା ଶବ୍ଦ। ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ। ତେଣୁ ଶ୍ରୀମଦ୍ ଭାଗବତରେ ଅଛି – ଆଦିରେ ପରମବ୍ରହ୍ମ ଶବ୍ଦରୂପୀ। ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ। ମା'ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର।

ବିଦ୍ୟାଦାୟିନୀ, ଜଡ଼ତାହାରିଣୀ କାବ୍ୟକଳାର ଆଦ୍ୟାଶକ୍ତି – ସକଳ ଜ୍ଞାନ ଓ ଚେତନା ଶକ୍ତିର ଉଦ୍ରେକକାରିଣୀ, ଦେବୀ ବୀଣାପାଣି । ମା'ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଜ୍ଞାନପିପାସୁ ଆର୍ଯ୍ୟ ମାନବ ଭକ୍ତି ବିନମ୍ର କଣ୍ଠରେ ଗାଇଥାଏ – 'ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶ୍ୱେତ ପଦ୍ମାସନା, ଯା ବୀଣା ବରଦଣ୍ଡମଣ୍ଡିତକରା, ଯା ଶୁକ୍ଳ ବସ୍ତ୍ରାନ୍ୱିତା, ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିଃ ଦେବୈ ସଦା ବନ୍ଦିତା, ସ ମାଂ ପାତୁ ସରସ୍ୱତୀ ଭଗବତୀ ନିଶେଷ ଜାଡ୍ୟାପହା।' ଶ୍ରୀ ଶ୍ରୀ ଚଣ୍ଡୀରେ ମହାଶକ୍ତିକୁ ପ୍ରାର୍ଥନା କରି କୁହାଯାଇଛି – 'ବିଦ୍ୟାଃ ସମସ୍ତା ସ୍ତବ ଦେବୀ, ଭେଦଃ ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍‌ସୁ। ତ୍ୱ ନୈ କାୟା ପୁରିତମ୍ – ସ୍ୱୟୈତତ୍, କାତେ ସ୍ତୁତିଃ ସ୍ତବ୍ୟ ପରା ପରୋକ୍ତିଃ।' ଅର୍ଥାତ୍ ହେ ଦେବୀ – ତୁମେ ହିଁ ସକଳ ବିଦ୍ୟାର ଧାତ୍ରୀ ଓ ଦାତ୍ରୀ, ତୁମେ ହିଁ ସକଳ ଶକ୍ତିର ଆଧାର ଓ ସର୍ବତ୍ର ପରିବ୍ୟାପ୍ତ । ତୁମ ବ୍ୟତୀତ ଏ ବିଶ୍ୱରେ ଆଉ କାହାର ସତ୍ତା ଉପଲବ୍ଧ କରି ହୁଏନା। ଆମ ଶାସ୍ତ୍ରରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ଏଇ ତ୍ରିଶକ୍ତିଙ୍କ ସମନି ତ ଶକ୍ତିକୁ ମହାମାୟା ବା ଆଦ୍ୟାଶକ୍ତି ରୂପରେ ବର୍ଣ୍ଣନା କରାଯାଇଛି । ଶକ୍ତି ତତ୍ତ୍ୱ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ ସରସ୍ୱତୀ ମହାଶକ୍ତିଙ୍କର ଅଂଶ ବିଶେଷ ବା ଏକ ପ୍ରକାଶ ସ୍ୱରୂପ। ମହାଲକ୍ଷ୍ମୀ ଧନଧାନ୍ୟର ମହାସରସ୍ୱତୀ ସକଳ ବିଦ୍ୟା ସକଳ ଜ୍ଞାନ ଓ ବିବେକର ଏବଂ ମହାକାଳୀ ସକଳ ଶକ୍ତିର ଉତ୍ସ ତଥା ପ୍ରକାଶକ ରୂପେ ପରିକଳ୍ପିତ। ବେଦ ବାଣୀ – ବେଦରେ ଦେବୀମାନଙ୍କର ବନ୍ଦନାରେ ସରସ୍ୱତୀଙ୍କର ବର୍ଣ୍ଣନା ପ୍ରଥମ ଓ ପ୍ରଧାନ। ଋଗ୍ ବେଦରେ କଥିତ ଅଛି – ସରସ୍ୱତୀ ମହାଶକ୍ତିଙ୍କର ଉତ୍ସ। ଏହି ସରସ୍ୱତୀ ନିରାକାର, ନିର୍ଗୁଣ, ନିର୍ମାୟା, ଆଦ୍ୟାଶକ୍ତି। ତାଙ୍କୁ ମାତା ଓ ନଦୀ ରୂପରେ ସ୍ତୁତି କରାଯାଇ କୁହାଯାଏ –ଅମ୍ବି ତମେ ନଦୀ ତମେ, ଦେବୀ ତମେ ସରସ୍ୱତୀ, ଅପ୍ରଶସ୍ତ ଇବ ସ୍ୱାମୀ, ପ୍ରଶସ୍ତି ମମ ନିସ୍କୃତି। (ଋଗ୍ ବେଦ – ମ – ୨ – ସ ୪୧ –ଋ–୧୬) ଋଗ୍ ବେଦର ଏହି ବାଣୀରେ ଆର୍ଯ୍ୟ ଋଷିଗଣ ସ୍ତୁତି କରୁଅଛନ୍ତି ଯେ ହେ ଶ୍ରେଷ୍ଠା ମାତା, ହେ ଶ୍ରେଷ୍ଠା ନଦୀ, ହେ ଶ୍ରେଷ୍ଠା ଦେବୀ – ଆମେ ସବୁ ଅପ୍ରଶସ୍ତ ପ୍ରାଣୀ, ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ। ଏଣୁ ଏହି ବେଦବାଣୀ ଅନୁଯାୟୀ ଦିବ୍ୟ ଜ୍ଞାନ ପ୍ରଦାୟିନୀ ଦେବୀ ଜଗତର ଶ୍ରେଷ୍ଠ ମାତା ରୂପେ ପୂଜିତ ଓ ଶ୍ରେଷ୍ଠ ନଦୀ ରୂପେ ବର୍ଣ୍ଣିତ। ସରସ୍ୱତୀ ଶବ୍ଦର ମୂଳ ଅର୍ଥ ହେଲା – (ସ୍ୱତଃ+ବତୀ) ପ୍ରସରଣ ଯାହାଙ୍କର ଅଛି। ଅଜ୍ଞାନ ଅନ୍ଧକାର ମଧ୍ୟରୁ ତେଜୋମୟ ଦିବ୍ୟଧାମକୁ ବାଟ କଢ଼ାଇ ଘେନି ଯିବାର ସେ ହେଲେ ଅଧିଷ୍ଠାତ୍ରୀ ଦେବୀ।

ମା'ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହାର ଅର୍ଥ ବୁଝାଇ କହିଲେ – ମନୁସଂହିତାରେ ଅଛି – ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ। ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା। ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି। ପାଣି ଉପରେ ପଦ୍ମ, ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତ କଲେ – ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁ ଠାରୁ – ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି। ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ। ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ। ଆବେଗପୂର୍ଣ୍ଣ ଭାବରେ ଶ୍ରୀ ଶ୍ରୀ ଠାକୁର କହିଲେ – ମା'ସରସ୍ୱତୀ ହଂସାସୀନା, ହଂସ ଅର୍ଥ – ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ। ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ। ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ – ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ପୁଣି କହିଲେ – ହଂସ ହେଲା କଳନାଦୀ ବା କଳକଣ୍ଠ। କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ। ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା। ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ପୁଣି ବ୍ୟକ୍ତ କଲେ – ମା'ଙ୍କର କୋଳରେ ପୂଜାପାଏ ବହି। ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ। ବିଦ୍ୟା ଆସିଛି ବିଦ୍ ଧାତୁରୁ – ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି। ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ। ଆଉ ସେ ପ୍ରାପ୍ତି ହେଉଛି – ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି।

ମା'ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା – ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ – ଐଂ ହେଉଛି ମା'ସରସ୍ୱତୀଙ୍କର ବୀଜମନ୍ତ୍ର। ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା'ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ – ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ। ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ। ମା'ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ – ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା। ମା'ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା – ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି।

ମା'ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା। ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ। ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ୍ୟ ଧଳା। ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା। ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା। ତାହା ସହଜରେ ଉପରକୁ ଉଠିପାରେ। ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ। ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ। ମା'ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ। ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା'ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା। ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ। ଏଥିପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ ଆଶ୍ରମରେ ମା'ସରସ୍ୱତୀଙ୍କର ପୂଜା ସାଡ଼ମ୍ବରେ କରୁଥିଲେ। ଶ୍ରୀ ଶ୍ରୀ ଠାକୁର ସ୍ୱୟଂ ପୁଷ୍ପାଞ୍ଜଳି ଦେଉଥିଲେ ଓ ପ୍ରଣାମୀ ସହ ପ୍ରଣାମ ନିବେଦନ କରୁଥିଲେ। ପୁଷ୍ପାଞ୍ଜଳି ଦେଇ ଭକ୍ତି ସହକାରେ ମା'ସରସ୍ୱତୀଙ୍କୁ ପ୍ରଣାମ ନକଲା ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଆହାର ଗ୍ରହଣ କରୁନଥିଲେ। ସମସ୍ତ ଭାବାର୍ଥ ସହ ଶ୍ରୀ ଶ୍ରୀ ଠାକୁର ବାଣୀ ଦେଲେ – 'ବିକାଶ-ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି – ସେ ହିଁ ମା' ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା – ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା' ସରସ୍ୱତୀ'।

*ସହ-ପ୍ରତିରକ୍ଷିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଉତ୍କର୍ଷ ଓଡ଼ିଶା : ବିକଶିତ ଓଡ଼ିଶାର ନୂଆ ଆଶା



**ସତ୍ୟ ମହାପାତ୍ର**

ଉତ୍କର୍ଷ ଓଡ଼ିଶା, ମେକ ଇନ ଓଡ଼ିଶା କନକ୍ଲେଭ-୨୦୨୫ ସଫଳତମ ଭାବେ ଓଡ଼ିଶାରେ ଆୟୋଜିତ ହୋଇଛି। ଏହି ନିବେଶକ ସମ୍ମିଳନୀକୁ ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ବିକାଶର ଶୀର୍ଷରେ ପହଞ୍ଚିବ ଓ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଓଡ଼ିଶା ମୁଖ୍ୟ ଭୂମିକା ନେବ। ପୂର୍ବ ଭାରତର ବିକାଶ ଓଡ଼ିଶାରୁ ହିଁ ଆରମ୍ଭ ଏବଂ ଅପାର ସମ୍ଭାବନା ଥିବା ଏହି ରାଜ୍ୟରେ ନିବେଶ କଲେ ନିବେଶକଙ୍କୁ ଯେ ଫାଇଦା ମିଳିବ ତାହା ନୁହେଁ ବରଂ ସେମାନେ ଦେଶର ବିକାଶରେ ନିଜର ଯୋଗଦାନକୁ ଆହୁରି ମଜଭୁତ କରିପାରିବେ ବୋଲି ମୋଦିଜୀଙ୍କ ଆଶା। ଏହାସହ ଦେଶ ଓ ଦେଶ ବାହାରର ନିବେଶକଙ୍କୁ ମୋଦିଜୀ ଆହ୍ୱାନ ଦେବା ସହ ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି। ମୋଦିଜୀ ଭଲ ଭାବେ ଜାଣିଛନ୍ତି ଆଜି ଓଡ଼ିଶା ସମଗ୍ର ଭାରତରେ ଏକ ବିକଶିତ ଓ ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇବା ସହ ଓଡ଼ିଶାରେ ବିକାଶ ବିନା ପୂର୍ବୋଦୟ ବିକାଶ ସମ୍ଭବ ନୁହଁ ଯାହାପାଇଁ ମୋଦିଜୀଙ୍କ ବଡ଼ ଫୋକସରେ ରହିଛି ଓଡ଼ିଶା। ଏଠାରେ ସୂଚନାଥାଉକି ମୋଦିଜୀ ଓଡ଼ିଶାକୁ ଇତିମଧ୍ୟରେ ତିରିଶ ଥରରୁ ଉର୍ଦ୍ଧ୍ୱ ଥର ଆସିଲେଣି।

ଓଡ଼ିଶାରେ ମୋହନ ମାଝୀଙ୍କ ସରକାର କ୍ଷମତାକୁ ଆସିବାରେ ସାତ ମାସ ପୁରା ହୋଇସାରିଲାଣି। ପ୍ରଧାନମନ୍ତ୍ରୀଙ୍କ ଭିଜନ ଅନୁଯାୟୀ ବିକଶିତ ଓଡ଼ିଶା ପାଇଁ ମୋହନ ମାଝୀଙ୍କ ସରକାର ଗୋଟିଏ ଗୋଟିଏ ସଫଳ ଓ ବଡ଼ ପଦକ୍ଷେପ ନେଇ ଲୋକମାନଙ୍କ ହୃଦୟ ମଧ୍ୟ ଜିତିଲେଣି। ତେଣୁ ଓଡ଼ିଶାର ଭାଜପା ସରକାରଙ୍କ ପାଇଁ ପ୍ରଥମ ଶିଳ୍ପ ମହାକୁମ୍ଭ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ଥିଲା। ପାଞ୍ଚଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶ ପ୍ରସ୍ତାବ ହାସଲର ନିଶ୍ଚିତତା ପାଇଁ ଓଡ଼ିଶାର ମୋହନ ସରକାର ଅଛନ୍ତି। ତେବେ ମୋଦିଜୀଙ୍କ ଦମଦାର ଅଭିଭାଷଣ ଯୋଗ ଦେଇଥିବା ଶିଳ୍ପପତି ମାନଙ୍କ ଉତ୍ସାହ ବଢ଼ାଇବା ସହ ଓଡ଼ିଶା ଉପରେ ସେମାନଙ୍କ ଭରଷା ମଧ୍ୟ ବଢ଼ିଛି। କାରଣ ମୋଦିଙ୍କ ଗ୍ୟାରେଣ୍ଟି ହିଁ ସେମାନଙ୍କର ବଡ଼ ସମ୍ବଳ ଓ ଭରଷା। ଓଡ଼ିଶାର ପ୍ରଗତିର ଭିଜନକୁ ସ୍ୱୟଂ ପ୍ରଧାନମନ୍ତ୍ରୀ ମୋଦିଜୀ ଅନୁଧ୍ୟାନ କରୁଛନ୍ତି। ଓଡ଼ିଶାରେ ଶିଳ୍ପ ବିକାଶ ତ୍ୱରାନ୍ୱିତ ହେବା ସହ ସ୍ୱାବଲମ୍ବୀ ଯୁବକମାନେ ନିଜ ଗୋଡ଼ରେ ଛିଡ଼ା ହୋଇ ଓଡ଼ିଶାର ବିକାଶ ପାଇଁ ଢ଼େର ସ୍ୱପ୍ନ ଓ ସମ୍ଭାବନା ଦେଖିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ମୋହନ ମାଝୀଙ୍କ ନେତୃତ୍ୱରେ ଶିଳ୍ପ ବିକାଶ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ମୋଦିଜୀ ଏହାର ମଙ୍ଗୁଆଳ ସାଜିଛନ୍ତି। ତେବେ ଏଥିରେ କେହି ବି ଦ୍ୱିମତ ହେବେନାହିଁ ଯେ ମୋଦିଜୀ ଖାଲି ଗ୍ୟାରେଣ୍ଟି ଦିଅନ୍ତି ନାହିଁ ବରଂ ଏହାକୁ ସଫଳ ଭାବେ ପୂରଣ କରିଥାନ୍ତି। ଓଡ଼ିଶାର ମୋହନ ମାଝୀଙ୍କ ସରକାର ଲୋକଦେଖାଣିଆ ନୁହଁ ବରଂ ଲୋକଙ୍କ ଓ ରାଜ୍ୟର ବିକାଶ ପାଇଁ ନେଇଥିବା ପଦକ୍ଷେପକୁ ଲୋକଙ୍କ ସାମ୍ନାରେ ଗୋଟି ଗୋଟି କରି ଥୋଉଛନ୍ତି। ଏହାକୁ ଦେଖିଲେ ଉତ୍କର୍ଷ ଓଡ଼ିଶା ପାଇଁ ଓଡ଼ିଶା ନୂଆ ସମ୍ଭାବନା ସୃଷ୍ଟି କରିପାରିବ ଏଥିରେ ସନ୍ଦେହ ନାହିଁ। ଯେହେତୁ ମୋଦିଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏପରି ଏକ ସଫଳ ଓ ଭବ୍ୟ ଶିଳ୍ପମେଳାର ଆୟୋଜନ ହୋଇଛି ସେହି କାରଣରୁ ଓଡ଼ିଶାକୁ ନିବେଶକଙ୍କ ସୁଅ ଛୁଟିବାର ବିଶ୍ୱାସ ମଜଭୁତ ହେଉଛି। ଓଡ଼ିଶାର ନୂଆ ସରକାର ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ନୀତିକୁ ଆହୁରି ସରଳ ଓ ସହଜ କରିସାରିଛନ୍ତି। ଓଡ଼ିଶାର କାର୍ଯ୍ୟଦକ୍ଷ ସରକାର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଏହି ବିକାଶ ଓ ଦୂରଦୃଷ୍ଟି ସମ୍ପନ୍ନ ଭିଜନ ଖାଲି ରାଜ୍ୟର ନୁହଁ ଦେଶର ଭବିଷ୍ୟତକୁ ମଜଭୁତ କରିବାର ଏକ ବଡ଼ ଉଦ୍ୟମ। ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଦେଶକୁ ବିକଶିତ ଓ ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବ ଏହି ଆଶା ଓ ବିଶ୍ୱାସ ସମସ୍ତଙ୍କର ରହିଛି।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି, ସେକ୍ଟର-୬, କଟକ,*
*ଦୂରଭାଷ : ୯୬୫୮୧୦୫୫୩୨*

# ବିଦ୍ୟା ଓ ବାଣୀର ଦେବୀ : ବାଗ୍‌ଦେବୀ



**ପୁଷ୍ପମିତ୍ର ମହାପାତ୍ର**

ବସନ୍ତ ପଞ୍ଚମୀ ମା' ସରସ୍ୱତୀଙ୍କ ପ୍ରକଟ ହେବା ଦିବସ। ଦେବୀ ସରସ୍ୱତୀ ମନୁଷ୍ୟଙ୍କୁ ଜ୍ଞାନର ପ୍ରକାଶ ଦିଗରେ ନେଇ ଯାଆନ୍ତି। ସେ ବାଣୀର ଦେବୀ ହୋଇଥିବାରୁ ତାଙ୍କୁ ବାଗ୍‌ଦେବୀ କୁହାଯାଏ। ବାଣୀ ବା ଜିହ୍ୱାରୁ ବାହାରୁଥିବା ବାଣ, ଥରେ ବାହାରିଗଲେ ପୁଣି ଫେରି ଆସିନଥାଏ। ଏଣୁ ବାଣୀର ସଂଯମ ଏବଂ ସଦୁପଯୋଗ ହେବା ଆବଶ୍ୟକ। ଏହା ହିଁ ବାଗ୍‌ଦେବୀଙ୍କୁ ପ୍ରସନ୍ନ କରିବାର ମୂଳ ମନ୍ତ୍ର। ଯେତେବେଳେ ମନୁଷ୍ୟ ମୌନ ରହିଥାଏ, ସେ ସମୟରେ ବାଗ୍‌ଦେବୀ ଅନ୍ତରାତ୍ମାର ସ୍ୱର ହୋଇ ସତ୍‌ପ୍ରେରଣା ପ୍ରଦାନ କରିଥାନ୍ତି। ବାଗ୍‌ଦେବୀ ସରସ୍ୱତୀ ବାଣୀ, ବିଦ୍ୟା, ଜ୍ଞାନବିଜ୍ଞାନ ଏବଂ କଳାକୌଶଳର ଆଦିର ଅଧିଷ୍ଠାତ୍ରୀ ଦେବୀ। ସେ ମାନବ ଭିତରେ ଲୁଚି ରହିଥିବା ଚେତନା ଶକ୍ତିକୁ ଜାଗ୍ରତ କରି ଅଜ୍ଞାନର ଅନ୍ଧକାର ଦୂର କରିଥାନ୍ତି। ମନୁଷ୍ୟକୁ ଆଲୋକ ଆଡ଼କୁ ନେଇଯାଇଥାନ୍ତି।

ବିଶ୍ୱର ସର୍ବାଧିକ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମାତା ସରସ୍ୱତୀଙ୍କ ଦୁଇଟି ରୂପ ବିଷୟରେ ବର୍ଣ୍ଣନା କରାଯାଇଛି। ପ୍ରଥମେ ବାଗ୍‌ଦେବୀ ଏବଂ ଦ୍ୱିତୀୟରେ ସରସ୍ୱତୀ। ତାଙ୍କୁ ବୁଦ୍ଧିସମ୍ପନ୍ନ, ପ୍ରେରଣାଦାୟିନୀ ଏବଂ ପ୍ରତିଭା ବିକାଶ ନିମନ୍ତେ ଶକ୍ତି ପ୍ରଦାନ କରୁଥିବା ଦେବୀଙ୍କ ରୂପରେ ବର୍ଣ୍ଣନା କରାଯାଇଛି। ଋକ୍ ବେଦର ସଂହିତା ସୁକ୍ତ ସଂଖ୍ୟା ୮/୧୦୦ରେ ବାଗ୍‌ଦେବୀଙ୍କ ମହିମା ବର୍ଣ୍ଣନା କରାଯାଇଛି। ବୃହଦାରଣ୍ୟକ ଉପନିଷଦରେ ରାଜା ଜନକ ମହର୍ଷି ଯାଜ୍ଞବଳକ୍ୟଙ୍କୁ ପଚାରୁଛନ୍ତି, ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଇଥାଏ, ଚନ୍ଦ୍ରମାର ଆଲୋକ ନଥାଏ ଏବଂ ଅଗ୍ନି ଲିଭିଯାଇଥାଏ, ସେତେବେଳେ କେଉଁ ବସ୍ତୁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ ? ଏହାର ଉତ୍ତରରେ ଋଷି କହୁଛନ୍ତି – ଏହି ସମୟରେ ବାକ୍ ଶକ୍ତି ହିଁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ। ମନୁଷ୍ୟ ପାଇଁ ପରମ ଉପଯୋଗୀ ମାର୍ଗ ଦେଖାଉଥିବା ଦେବୀ ହେଉଛନ୍ତି ବାକ୍‌ର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀ। ଛାନ୍ଦୋଗ୍ୟ ଉପନିଷଦରେ ଥିବା ବର୍ଣ୍ଣନା ଅନୁଯାୟୀ, ଯଦି ବାଣୀର ଅସ୍ତିତ୍ୱ ନଥାନ୍ତା, ତାହାଲେ ଭଲ ଏବଂ ମନ୍ଦ, ସତ୍ୟ ଓ ମିଥ୍ୟା, ସହୃଦୟତା ଏବଂ ନିଷ୍ଠୁରତା ମଧ୍ୟରେ ପ୍ରଭେଦ ଜାଣି ହୁଅନ୍ତା ନାହିଁ। ଏଣୁ ବାଣୀର ଉପାସନା କରିବା ଉଚିତ। ଜ୍ଞାନର ଏକ ମାତ୍ର ଅଧିଷ୍ଠାନ ହେଉଛି ବାକ୍। ପ୍ରାଚୀନ କାଳରେ ବେଦ ଆଦି ସମସ୍ତ ଶାସ୍ତ୍ର କଣ୍ଠସ୍ଥ କରାଯାଉଥିଲା। ଆଚାର୍ଯ୍ୟଙ୍କ ବାଣୀ ଦ୍ୱାରା ଶିଷ୍ୟମାନେ ଶାସ୍ତ୍ରର ଜ୍ଞାନ ଲାଭ କରୁଥିଲେ। ଗୁରୁମନ୍ତ୍ର ମଧ୍ୟ ବାଣୀ ଦ୍ୱାରା ପ୍ରାପ୍ତି ହେଉଥିଲା। ବାଗ୍‌ଦେବୀ ମାତା ସରସ୍ୱତୀଙ୍କ ଉପାସନାର ପ୍ରାସଙ୍ଗିକତା ଆଧୁନିକ ଯୁଗରେ ମଧ୍ୟ ରହିଛି। ଦେବୀ ଭାଗବତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ବାଣୀର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀଙ୍କ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜିହ୍ୱାରୁ ହୋଇଥିଲା। ପରମେଶ୍ୱରଙ୍କ ଜିହ୍ୱାରୁ ପ୍ରକଟ ହୋଇଥିବାରୁ ସେ ବାଗ୍‌ଦେବୀ ସରସ୍ୱତୀ ବୋଲାଇଲେ। ବୈଦିକ ଯୁଗର ବାଗ୍‌ଦେବୀ କାଳାନ୍ତରରେ ସରସ୍ୱତୀ ନାମରେ ପ୍ରସିଦ୍ଧ ହେଲେ। ଶାସ୍ତ୍ରରେ ମାଘ ଶୁକ୍ଳ ପକ୍ଷ ପଞ୍ଚମୀରେ ବାଗ୍‌ଦେବୀଙ୍କ ପ୍ରକଟ ହେବାର ଦିବସ ଭାବେ ବର୍ଣ୍ଣନା କରାଯାଇଛି। ଏହି କାରଣରୁ ବସନ୍ତ ପଞ୍ଚମୀ ଦିନ ବାଗୀଶ୍ୱରୀ ଜୟନ୍ତୀ ମଧ୍ୟ ପାଳିତ ହୋଇଥାଏ, ଏହା ସରସ୍ୱତୀ ପୂଜା ନାମରେ ମଧ୍ୟ ପ୍ରସିଦ୍ଧ। ବାଗ୍‌ଦେବୀଙ୍କ ଆରାଧନା ପଛରେ ଲୁଚି ରହିଥିବା ଆଧାତ୍ମିକ ବାର୍ତ୍ତା ହେଉଛି – ଆପଣ ଯାହାକିଛି କହୁଛନ୍ତି, ଭାବିଚିନ୍ତି କୁହନ୍ତୁ। କାରଣ ମଧୁର ବାଣୀ ମିତ୍ର ସୃଷ୍ଟି କରିଥାଏ ଏବଂ କଟୁ ବାଣୀ ଶତ୍ରୁ ସୃଷ୍ଟି କରେ।

ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୬୮୯

# ମନେରଗା ପାଣ୍ଠି ଅଭାବ



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଏଥିରେ ଦ୍ୱିମତ ନାହିଁ ଯେ, ଗ୍ରାମାଚଂଳରେ ଜୀବନଜୀବିକାର ଜୀବନରେଖା ଭାବେ ପରିଚିତ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନେରଗା) ପୁଣି ଥରେ ଉତ୍କଟ ପାଣ୍ଠି ଅଭାବ ମଧ୍ୟରେ ଗତି କରୁଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ୨୦୨୪-୨୫ ଆର୍ଥୀକ ବର୍ଷ ପାଇଁ ସରକାର ୮୬,୦୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ସତ୍ତ୍ୱେ ଏବେ ବି ୪୩୧୫ କୋଟି ମଜୁରୀ ବାବଦରେ ବକେୟା ପଡିଛି। ଅର୍ଥାତ ପାଣ୍ଠି ଅଭାବରୁ ଶ୍ରମିକମାନେ ସେମାନଙ୍କର ମଜୁରି ବାବଦରେ ପାରିଶ୍ରମିକ ପାଇପାରିନାହିଁ। ଏହି ସମସ୍ୟା କେବଳ ଗୋଟିଏ କିମ୍ବା ଦୁଇଟି, ରାଜ୍ୟ ନୁହେଁ, ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଦେଖାଦେଇଛି। ସେହିପରି ୨୦୨୩-୨୪ ଆର୍ଥୀକ ବର୍ଷରେ ଏହି ଯୋଜନା କାର୍ଯ୍ୟକାରୀ ହେବାର ୬ମାସ ମଧ୍ୟରେ ୬୧୪୬ କୋଟି ଟଙ୍କା ନିଅଟିଂଆ ଦେଇ ଗତି କରିଥିଲା। କିନ୍ତୁ ୨୦୨୨-୨୩ ଆର୍ଥୀକ ବର୍ଷରେ ୮୯,୪୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲା, ଯାହାକି ମୂଳ ବଜେଟ ବା ବ୍ୟୟ ବରାଦ ଠାରୁ ୩୩ ପ୍ରତିଶତ ଅଧିକ ରହିଥିଲା। ଯୋଜନାର କାର୍ଯ୍ୟକାରିତା ଓ ପାଣ୍ଠିର ଅଗ୍ରାଧିକାର ସମ୍ପର୍କରେ ସଂକେତ ପ୍ରଦାନ କରେ। କେବଳ ଏତକି ନୁହେଁ, ଗ୍ରାମାଚଂଳରେ ଯୋଜନା କେତେ ଫଳପ୍ରଦ ହୋଇଛି ଏବଂ ଆଦୃତ ହୋଇପାରିଛି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। କହିବା ବାହୁଲ୍ୟ ଯେ, ମହାମାରୀ କୋରୋନା କାଳରେ ଦେଶରେ ଅଚାନକ ଏବଂ ଦୀର୍ଘକାଳୀନ ଲକଡାଉନ (ତାଲାବନ୍ଦ) ଯୋଗୁଁ ପ୍ରବାସୀ ଶ୍ରମିକଙ୍କ ପାଇଁ ମନେରଗା କିପରି ବରଦାନ ସଦୃଶ କାର୍ଯ୍ୟ କରିଥିଲା, ତାହା ବୋଧହୁଏ କେହି ଭୁଲି ନଥିବେ। ରୋଜଗାର ହରାଇଥିବା ଗାଁ ଗହଳିର ଫେରନ୍ତା ପ୍ରବାସୀ ଶ୍ରମିକଙ୍କ ପାଇଁ ଜୀବନ-ଜୀବିକାର ଏକମାତ୍ର ଉତ୍ସ ଥିଲା। ଏହା ଅନୁଭବ କରି କେନ୍ଦ୍ର ସରକାର ବଜେଟରେ ଅତିରିକ୍ତ ବ୍ୟୟ କରିଥିଲେ। ବୋଧହୁଏ ପ୍ରଥମ ଥର ପାଇଁ ମନେରଗାରେ ବଜେଟ ବ୍ୟୟ ବରାଦ ୧ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଥିଲା। ଶ୍ରମିକଙ୍କ ଦୈନିକ ମଜୁରି ଅତି ସ୍ୱଳ୍ପ ଥିଲେ ମଧ୍ୟ ଏହା କିପରି ଆଦୃତ ହୋଇଥିଲା, ତାହାର ସଂକେତ ଦିଏ। ମନେରଗାର ମଜୁରି ମାତ୍ର ୩୦୦ ଟଙ୍କାରୁ କମ୍ ରହିଛି। ତେବେ କେତେକ ରାଜ୍ୟରେ ମଜୁରି ୩୦୦ଟଙ୍କାର ସାମାନ୍ୟ ଅଧିକ ଥିବା କୁହାଯାଏ। ମନେରଗାରେ ଶ୍ରମିକଙ୍କ ଦୈନିକ ମଜୁରି ୪୦୦ଟଙ୍କାକୁ ବୃଦ୍ଧି କରିବା ପାଇଁ କଂଗ୍ରେସ ଦାବି କରି ଆସୁଛି। ଗ୍ରାମାଚଂଳରେ ଶ୍ରମିକମାନଙ୍କୁ ବାର୍ଷିକ ୧୦୦ଦିନର ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇ ଦେଇ ଆସୁଥିବା ସତ୍ତ୍ୱେ ଯୋଜନାର ଉତ୍କଟ ଆର୍ଥୀକ ପାଣ୍ଠିର ଅଭାବର ସମ୍ମୁଖୀନ ହୋଇଆସୁଛି। ସେହିପରି ବୈଷୟିକ ପ୍ରଯୁକ୍ତି ବିଦ୍ୟା ବିଶେଷ କରି ଆଧାର ଭିତିକ ମଜୁରି ପ୍ରଦାନ ଏବଂ ଜାତୀୟ ମୋବାଇଲ ତଦାରଖ ସିଷ୍ଟମ ଶ୍ରମିକଙ୍କୁ ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ ଏବେ ବିଳମ୍ବର କାରଣ ହୋଇଛି। ଆଧାର ସଂଯୋଗ କ୍ଷେତ୍ରରେ ତୃଟି ଯୋଗୁଁ ବହୁ କ୍ଷେତ୍ରରେ ଯବ କାର୍ଡ କଟି ଯାଇଥିବା ଅଭିଯୋଗ ହୁଏ। ସେହିପରି ଗାଁ ଗହଳିର ଅନଭିଜ୍ଞ ଶ୍ରମିକଙ୍କର ଆଧାର ଲିଙ୍କ ଅନଭିଜ୍ଞତା ଯୋଗୁଁ ଏହା ବିଳମ୍ବର କାରଣ ହୋଇଛି। ଗତ ୨୦୨୨ ମସିହା ଠାରୁ ବର୍ତ୍ତମାନ ସୁଦ୍ଧା ୯କୋଟିରୁ ଅଧିକ ଶ୍ରମିକ ସେମାନଙ୍କର ଯବକାର୍ଡ ହରାଇଥିବାବେଳେ ୧୦କୋଟିରୁ ଅଧିକ ଶ୍ରମିକ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ଆଧାର ଭିତିକ ମଂଜୁରୀ ପ୍ରଦାନରେ ମୋବାଇଲ ଲିଙ୍କ କରିପାରିନାହାଁନ୍ତି। ଉଲ୍ଲେଖ କରାଯାଇପାରେ ଯେ, ମନେରଗା ମଜୁରି ପ୍ରଦାନରେ ସ୍ୱଚ୍ଛତା ବେଳେ ଏବେ ଏହା ଶ୍ରମିକଙ୍କ ଜୀବନ ଜୀବିକାରେ ପ୍ରତିବନ୍ଧକ ସାଜିଛି। ଏହା ନିସନ୍ଦେହ ଯେ, ଗ୍ରାମାଚଂଳରେ ଶ୍ରମିକଙ୍କୁ ୧୦୦ଦିନର ନିଯୁକ୍ତି ନିରାପତା ଯୋଗାଇ ଦେବା ଲକ୍ଷ୍ୟ ନେଇ ୯୦ଦଶକରେ କଂଗ୍ରେସ ସରକାର ମନେରଗା କାର୍ଯ୍ୟକାରୀ କରିଥିଲେ। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଦାରିଦ୍ର୍ୟ ଦୂରିକରଣ ଓ କ୍ଷୁଧାମୁକ୍ତି। ସେତେବେଳେ ଏହି ଯୋଜନାକୁ ବିଜେପି ବିରୋଧ କରିଥିଲା। ଏବେ ପାଣ୍ଠି ଅଭାବ ତଥା ଶ୍ରମିକ ଠିକ ସମୟରେ ମଜୁରି ନପାଇବା ଯୋଗୁଁ ଶ୍ରମିକ ଏହା ଉପରୁ ଆସ୍ଥା ହରାଉଥିବା ଲକ୍ଷ୍ୟ କରାଯାଏ। ଗ୍ରାମାଚଂଳରେ ବେଶ୍ ଫଳପ୍ରଦ ହୋଇଥିବା ଏପରି ଏକ ଜନାଦୃତ ଯୋଜନାର ବ୍ୟୟ ବରାଦ ହ୍ରାସ କରିବା ବିଜ୍ଞତାର ପରିଚାୟକ ନୁହେଁ। ସରକାର୨୦୨୫-୨୬ ଆର୍ଥୀକ ବର୍ଷର ବଜେଟରେ ବ୍ୟୟ ବରାଦ ବୃଦ୍ଧି ପ୍ରତି ଅଗ୍ରାଧିକାର ଦେବା ଜରୁରୀ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*




# ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି

ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ- ୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ରଃ ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉଃ ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବିର୍ତ୍ତୀ ସମରେ କୃଷି ବିଶେଷଜ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ରଃ ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉଃ ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ରଃ ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉଃ ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ରଃ ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉଃ ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି । ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ରଃ ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉଃ ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**– ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**– ପ୍ରକାଶ ପଲେଇ, ବଉଳାବନ୍ଧ**



ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**– ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।



**ଲକ୍ଷଣ :**

- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟପ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।



**ଉପକାରିତା –**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ–**

ଯଦିଓ ରୁଫଟପ୍ ଗାର୍ଡ଼େନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।

ସୁତରାଂ ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡ଼େନିଙ୍‌ଗ ରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।



# ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

**ଇଂ ଅଭୟ ସୂତାର**

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡ଼ବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଡ଼ାଙ୍ଗାରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ୍ୟ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ୍ୟ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କ୍ୱାସ, ଜାମ୍ ଓ ଜେଲି ଏବଂ ଟୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କ୍ୱାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି। କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**




## ପ୍ରେରଣା ପକ୍ଷରୁ ସବୁଜ ସୁନ୍ଦର ଭୁବନେଶ୍ୱର ଅଭିଯାନ ଉଦ୍‌ଘାଟିତ

ଖୋର୍ଦ୍ଧା (ପିଏନ୍)- ଭୁବନେଶ୍ୱରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ କରିବା ପାଇଁ ପ୍ରେରଣା ପକ୍ଷରୁ ଆରମ୍ଭ ହୋଇଛି ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ଭୁବନେଶ୍ୱର ଅଭିଯାନ। ସାମାଜିକ ଅନୁଷ୍ଠାନ ପ୍ରେରଣା ଓ ସିଟି କ୍ଲବ୍ ଓ ୩୮ ନମ୍ବର ୱାର୍ଡ଼ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ନୟାପଲ୍ଲୀ ଦେବରାୟ କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପରିବେଶବିତ୍ ଡ଼କ୍ଟର ଭଗବାନ ପ୍ରକାଶ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହିତ ସାମ୍ପ୍ରତିକ ସମୟରେ ବୃକ୍ଷ ରୋପଣ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ନିତ୍ୟାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ବୃକ୍ଷ ରୋପଣ କରିବା ସହିତ ଭୁବନେଶ୍ୱରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ କରିବା ପାଇଁ ଅଧିକରୁ ଅଧିକ ଗଛ ଲଗାଇବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ବୃକ୍ଷରୋପଣ କରିବା ସହିତ ମହାନଗର ନିଗମ ପକ୍ଷରୁ ସମସ୍ତ କର୍ପୋରେଟର ମାନଙ୍କୁ ନେଇ ଆଗାମୀ ଦିନରେ ବ୍ୟାପକ ବୃକ୍ଷ ରୋପଣ କରାଯିବ ବୋଲି କହିଥିଲେ। ପ୍ରେରଣାର ସଭାପତି ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଯୋଗ ଦେଇ ବୃକ୍ଷ ରୋପଣ କରିବା ସହିତ ରୋଟାରୀ କ୍ଲବ୍ ପକ୍ଷରୁ ବୃକ୍ଷ ରୋପଣ ଉପରେ ଅଧିକ ଧ୍ୟାନ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ଼କ୍ଟର ପ୍ରକାଶ ଶ୍ରୀଚନ୍ଦନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶର ସମସ୍ତ ପାଇକ ବାହିନି ବୃକ୍ଷ ରୋପଣ କରି ଏହି ମହତ କାର୍ଯ୍ୟରେ ଯୋଗ ଦାନ କରିବେ ବୋଲି କହିଥିଲେ। ଏଥିରେ ଭୁବନେଶ୍ୱର ମହାନଗର ନିଗମ ଡ଼େପୁଟି ମେୟର ମଞ୍ଜୁଲତା କହଁର, ବିଶିଷ୍ଟ ଚଳଚିତ୍ର ଅଭିନେତ୍ରୀ ଓ ସମାଜ ସେବୀ ତୃପ୍ତି ସାହୁ, ଅତିଥି ରୂପେ ଯୋଗ ଦାନ କରିବା ସହିତ ବୃକ୍ଷରୋପଣ କରିଥିଲେ। ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କ ସବୁଜ ରାଜକୁମାରୀ ସମ୍ମାନ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଡ଼. ରୀନା ଘଡ଼େଇ, ବିଶିଷ୍ଟ ସମାଜସେବୀ ସମରେନ୍ଦ୍ର ଜେନା, ସିଟି କ୍ଲବ୍‌ର ସମ୍ପାଦକ ପ୍ରଦୀପ ରାଉତରାୟ, ମହାନଗର ନିଗମ ୩୮ ନମ୍ବର ଜୋନର କରପୋରେର୍ଟର ପଦ୍ମଜା ପ୍ରୀୟଦର୍ଶନୀ ଜେନା ସମାଜସେବୀ ବୈଜୟନ୍ତ ସାହୁ ପ୍ରମୁଖ ବୃକ୍ଷରୋପଣ କରିବା ସହିତ ଏହି ଅଭିଯାନକୁ ଆଗାମୀ ଦିନରେ ଆହୁରି କ୍ରିୟାଶୀଳ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

## ବ୍ରାଉନ ସୁଗାର ଜବତ, ଦୁଇ ଗିରଫ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଆଦର୍ଶ ଥାନା ଅଧିକାରୀ ସଂଜୟ କୁମାର ପଟ୍ଟନାୟକଙ୍କ ସହଯୋଗରେ ବ୍ରାଉନସୁଗାର ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଏକ ବ୍ୟବହୃତ ବାଇକକୁ ଜବତ କରାଯାଇଛି। ସୂଚନା ମୁତାବକ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମର ନୃସିଂହ ସିଂହ ଓ ଲିପସା ମହାପାତ୍ର ବ୍ରାଉନ ସୁଗାର ବ୍ୟବସାୟ କରୁଥିବାର ଖବର ପାଇ ପୋଲିସ ଅତର୍କିତ ଭାବରେ ଚଢାଉ କରି ୨୧ ଗ୍ରାମ ବ୍ରାଉନ ସୁଗାର, ୨୫ ହଜାର ୫ ଶହ ୨୦ ଟଙ୍କା ଓ ଗୋଟିଏ ଓଡିଗଗଏସି୨୦୦୫ ନମ୍ବର ବିଶିଷ୍ଟ ବାଇକ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିରେ ଜବତ ହୋଇଥିବା ବ୍ରାଉନ ସୁଗାରର ମୂଲ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟର ଚିନ୍ତନ ବୈଠକ

ପାରାଦୀପ (ପିଏନ୍)-କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଆନୁକୂଲ୍ୟରେ ତିନି ଦିନିଆ ଚିନ୍ତନ ବୈଠକ କର୍ଣ୍ଣାଟକଠାରେ ଆରମ୍ଭ ହୋଇଛି। ଦେଶର ନୀଳ ଅର୍ଥନୀତିକୁ ଆଗକୁ ବଢେଇବା ଦିଗରେ ବିଚାର ବିମର୍ଶ ହୋଇଥିବା ନେଇ ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି । ବିଭାଗୀୟ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ, ଶାନ୍ତନୁ ଠାକୁରଙ୍କ ସମେତ ଦେଶର ବୃହତ ବନ୍ଦର ଗୁଡିକର ଅଧକ୍ଷମାନେ ଏହି ଚିନ୍ତନ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଶ୍ରୀ ସୋନୋୱାଲ କହିଛନ୍ତି ଉପକୂଳବର୍ତ୍ତୀ ଅଂଚଳ ଗୁଡିକର ବିକାଶ ପାଇଁ ଗୁରୁତ୍ୱ ପ୍ରଦାନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଭିତିଭୂମିର ସୁଧାର ଆଣିବା ସହିତ ସାମୁଦ୍ରିକ ଅର୍ଥ ବ୍ୟବସ୍ଥାକୁ ସଂରକ୍ଷିତ କରିବା ତଥା ଏହାକୁ ଆଗକୁ ପ୍ରୋତ୍ସାହନ ଦିଆଯିବ । ଏହି ଉଦ୍ୟମର ମୁଖ୍ୟ ଉଦ୍ଦେଶ୍ୟ ନୀଳ ଅର୍ଥନୀତିରେ ପରିବହନ ମାଧ୍ୟମରେ ପରିବର୍ତ୍ତନ ଆଣିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଭାରତକୁ ଆତ୍ମନିର୍ଭର ଭାରତ କରିବାର ସ୍ୱପ୍ନ ସାକାର କରିବା ଏବଂ ସାମୁଦ୍ରିକ ଅର୍ଥ ବ୍ୟବସ୍ଥାକୁ ଠିକଣା ଭାବେ ଉପଯୋଗ କରିବା । ଏହାଦ୍ୱାରା ଅର୍ଥନୈତିକ ପରିବର୍ତ୍ତନର ଲକ୍ଷ୍ୟ ସାକାର ହେବ । ଏଥିପାଇଁ ଘରୋଇ ସରକାରୀ ସହଭାଗିତାକୁ ଗୁରୁତ୍ୱ ଦେବା ସହ ଏହା ଦ୍ୱାରା ସବୁଜ କ୍ଷେତ୍ର ବନ୍ଦରମାନ ବିକଶିତ ହୋଇପାରିବ । ଉପକୂଳବର୍ତ୍ତୀ ଲୋକମାନଙ୍କ ଜୀବନ ଧାରଣରେ ସୁଧାର ଆସିବ ଏବଂ ବ୍ୟାପକ ବିକାଶ ସାଧିତ ହେବ। ବନ୍ଦର ଗୁଡିକକୁ ସଂଯୋଗ କରିବା ପାଇଁ ଆବଶ୍ୟକୀୟ ୧୫୭ଟି ସଡକ ସମେତ ୯୩୭ଟି ରେଳ ସମ୍ପର୍କ ଯୋଜନାର ଶୁଭାରମ୍ଭ କରାଯାଇଛି। ଏତଦ୍‌ବ୍ୟତୀତ ବନ୍ଦର କର୍ତ୍ତୃପକ୍ଷଙ୍କ ଆଧୁନିକୀକରଣ ଓ ଯାନ୍ତ୍ରିକୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିବା କଥା ସୂଚନା ମିଳିଛି।

## କେନାଲ ବନ୍ଧ ଖୋଳି ବ୍ୟକ୍ତିଗତ ଜମିରେ ମାଟି ପକାକୁ ନେଇ ଚାଷୀଙ୍କ ବିରୋଧ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ମରଡପୁର ଗୁଆଲସିଂ ୫ନମ୍ବର(କ) ମାଇନର କେନାଲ ବନ୍ଧରୁ ମାଟି ତାଡି ଜନୈକ ବ୍ୟକ୍ତି ତାଙ୍କ ବ୍ୟକ୍ତିଗତ ଜମି ପୋତିବା ପ୍ରତିବାଦରେ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମରଡପୁର ଗୁଆଲସିଂ ୫ନମ୍ବର(କ) ମାଇନର କେନାଲର ଉଭୟ ପାର୍ଶ୍ୱ ବନ୍ଧର ମାଟି ତାଡି ପ୍ରଦୀପ କୁମାର ସାହୁ ନାମକ ଜନୈକ ବ୍ୟକ୍ତି ରେଲୱେ ପୋଲ ନିକଟରେ ଥିବା ନିଜ ଜମିକୁ ପୋତୁଥିବା ନେଇ ଅଭିଯୋଗ ହୋଇଛି । ଏହି କାର୍ଯ୍ୟ ବିଳମ୍ବିତ ରାତିରେ କରାଯାଉଥିବା ସମ୍ପର୍କରେ ଖବର ପାଇ ଚାଷୀମାନେ ଘଟଣା ସ୍ଥଳରେ ପହଁ ି କାମ ବନ୍ଦ କରାଇବା ସହ ଚାଷୀ ମୁଲିଆ ସଂଘକୁ ସୂଚନା ଦେଇଥିଲେ। ସଂଘ ପକ୍ଷରୁ ରଞ୍ଜନ ପଲାଇ, ପିତବାସ ସାହୁ, ଦୀନବନ୍ଧୁ ସାହୁ, ବଟକୃଷ୍ଣ ସେଠୀ ପ୍ରମୁଖ ପ୍ରତିନିଧି ମଣ୍ଡଳି ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

## ଯୋଗ୍ୟତା ପ୍ରମାଣପତ୍ର ଥାଇବି ଭୂମିହୀନଙ୍କୁ ମିଳିଲା ନାହିଁ ଜମିପଟା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୋରା ଳର ୮ନମ୍ବର ୱାର୍ଡ ଅନ୍ତର୍ଗତ ଏକଣାଖଣ୍ଡି କେନାଲ ବନ୍ଧ ବସ୍ତିର କେତେକ ବ୍ୟକ୍ତିଙ୍କୁ ଭୂମିହୀନ ଯୋଗ୍ୟତା ପ୍ରମାଣପତ୍ର ଥାଇ ବି ଘରଡିହ ଜମିର ପଟା ମିଳିନଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଏହି ଯୋଗ୍ୟତା ପ୍ରମାଣପତ୍ରଧାରୀ ହିତାଧିକାରୀମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି । ଏହି ବ୍ୟକ୍ତିମାନେ ଏକଣାଖଣ୍ଡି ଗ୍ରାମର କେନାଲ ବନ୍ଧ ପାର୍ଶ୍ୱରେ ଥିବା ସରକାରୀ ଜମିରେ ଭୂମିହୀନ ଭାବେ ଦୀର୍ଘ ୫୦ ବର୍ଷ ଧରି ଘରକରି ରହି ଆସୁଛନ୍ତି । ୨୦୧୭ ମସିହାରେ ଓଡିଶା ବସ୍ତି ବାସିନ୍ଦା ଭୂମି ଅଧିକାରୀ ଅଧିନିୟମ ଅନୁଯାଇ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ପ୍ରଶାସନର ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ସେମାନଙ୍କ ପଟ୍ଟା ମିଳି ନଥିବାରୁ ସେମାନେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ପଟା ଦେବାକୁ ଦାବି କରିଛନ୍ତି ।

## ସରକାରଙ୍କ ନିର୍ଦ୍ଦେଶକୁ ବିଡିଓଙ୍କ ଅବମାନନା ଅଭିଯୋଗ

ଭୁବନେଶ୍ୱର (ପିଏନ୍): ମାନ୍ୟବର ମୁଖ୍ୟମନ୍ତ୍ରୀ ଦୀର୍ଘଦିନର ଦାବୀକୁ ବିଚାରକୁ ନେଇ ଭୁବନେଶ୍ୱର ଲିଙ୍ଗିପୁର ଗ୍ରାମ ପଂଚାୟତ ଅଧୀନସ୍ଥ ଗାଙ୍ଗୋତ୍ରୀ ନଗରଠାରେ ଥିବା ଅଙ୍ଗନବାଡି କେନ୍ଦ୍ର ପାଇଁ ନିଜସ୍ୱ ଜମି ଓ ଘର ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ତହସିଲଦାରଙ୍କ ଜରିଆରେ ଭୁବନେଶ୍ୱର ବିଡିଓଙ୍କୁ ମୌଜା ଲିଙ୍ଗିପୁର, ଖାତା ନଂ-୭୬୧, ପ୍ଲଟ ନଂ-୯୧, ଏରିଆ-ଇ୦.୨୦୦, କିସମ ଏକ ଜମି ଅନୁଯାୟୀ ଏକ ଜମି ଗତ ୩୧.୦୫.୨୦୨୨ରେ ଜମି ହସ୍ତାନ୍ତର କରିଛନ୍ତି ସେଥିରେ ନିର୍ଦ୍ଦେଶ ଅଛି ଭୁବନେଶ୍ୱର ବିଡିଓ ସେହି ଜମିକୁ ଯଥାଶୀଘ୍ର ଅଧିଗ୍ରହଣ କରି ସେଠାରେ ଅଙ୍ଗନବାଡି କେନ୍ଦ୍ରର ଘର ତିଆରି ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବେ। ବିଡିଓ ମହାଶୟ ସେହି ଜମି ଅଧିଗ୍ରହଣ ନକରିବାରୁ ଜବରଦଖଲକାରୀ ଏହାକୁ ସୁବର୍ଣ୍ଣ ସୁଯୋଗ ଭାବି ନିଜ ଅକ୍ତିଆରରେ ନେବା ପାଇଁ ଉଦ୍ୟମ ଅବ୍ୟାହତ ରଖିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ବିଡିଓଙ୍କ ବିରୋଧରେ ଅଭିଯୋଗ ହୋଇଥିବା ଶୁଣିବାକୁ ମିଳୁଛି ଯାହାକି ତଦନ୍ତସାପେକ୍ଷ। ସମ୍ପୂର୍ଣ୍ଣ ଜମିକୁ (Demarcation) ମାପ କରାଇବାକୁ ବିଡିଓଙ୍କୁ ନିର୍ଦ୍ଦେଶ ରହିଛି। ଏହି ଘଟଣାକୁ ବିଡିଓ ଗମ୍ଭୀରତାର ସହ ନନେଇ ହାଲକା ଭାବେ ଗ୍ରହଣ କରି ଜମି ଅଧିଗ୍ରହଣ ଅଦ୍ୟାବଧି ନକରିବାରୁ ସେହି ଗାଙ୍ଗୋତ୍ରୀ ନଗର କିଛି ଦଲାଲ ଦିଗହରା କରିବାକୁ ପ୍ରୟାସ ଚାଲୁ ରଖିଥିବା କଥା ଏଠାର କିଛି ସ୍ଥାୟୀ ବାସିନ୍ଦା ଜିଲ୍ଲାପାଳ ମହୋଦୟଙ୍କୁ ଅବଗତ କରାଇଥିବା ଶୁଣିବାକୁ ମିଳୁଛି। ଜିଲ୍ଲାପାଳ ମହୋଦୟ ତଦନ୍ତ କରି ସମ୍ପୃକ୍ତ ବିଡିଓଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବୀ ହେଉଛି। କାରଣ ଏଥିରେ ଅଙ୍ଗନବାଡି ଅନୁଷ୍ଠାନରେ ପଢୁଥିବା ପିଲାମାନଙ୍କର ଭବିଷ୍ୟତ ଅନ୍ଧାରରେ।

## ସୀତାବିଂଝ ପର୍ଯ୍ୟଟନସ୍ଥଳର ଖୁବ୍ ଶୀଘ୍ର ହେବ ବିକାଶ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାରେ ବହୁ ସରକାରୀ ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନସ୍ଥଳ ରହିଛି । ସେଥିରୁ କେତୋଟିର ବିକାଶ ହୋଇଥିବା ବେଳେ ଆଉ କେତୋଟିର ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଛି । ଏଭଳି ପରିପ୍ରେକ୍ଷୀରେ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନସ୍ଥଳ ସୀତାବିଂଝର ଉନ୍ନୟନ କାର୍ଯ୍ୟ ନିମନ୍ତେ ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରଶାସନିକ ଅନୁମୋଦନ ମିଳିଛି । ଫଳରେ ସୀତାବିଂଝକୁ ଆସୁଥିବା ପର୍ଯ୍ୟଟକମାନେ ଏହାର ସୁଫଳ ପାଇପାରିବେ ଏବଂ ପର୍ଯ୍ୟଟନ କ୍ଷେତ୍ର ଉପରେ ନିର୍ଭରଶୀଳ ପରିବାର ଗୁଜୁରାଣ ମେ ାଇବାରେ ସହାୟକ ହୋଇପାରିବ । ଏହି ପର୍ଯ୍ୟଟନସ୍ଥଳର ବିକାଶ ନିମନ୍ତେ ଅନେକବାର ଦାବି ଉଠୁଥିଲା । କିନ୍ତୁ ଅନେକ କାମ ହେବାକୁ ବାକି ଥିଲା । ଏଠାକାର ରାବଣ ଛାୟା ଦେଖିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଆସିଥା'ନ୍ତି । ସୀତାବିଂଝକୁ ନବକୁଶଙ୍କର ଏନ୍ତୁଡିଶାଳ ବୋଲି ମଧ୍ୟ କୁହାଯାଏ । ବିଭିନ୍ନ ପର୍ବପର୍ବାଣିରେ ଏହି ପର୍ଯ୍ୟଟନସ୍ଥଳରେ ଜନଗହଳି ହୋଇଥାଏ । ବିଶେଷ କରି ରଜ ସମୟରେ ଏଠାରେ ବଡ ମେଳା ଲାଗିଥାଏ । କେବଳ ମେଳା ମହୋତ୍ସବ ନୁହେଁ, ବର୍ଷ ତମାମ ସୀତାବିଂଝକୁ ପର୍ଯ୍ୟଟକ ଆସିଥାନ୍ତି । ଇତିମଧ୍ୟରେ ସରକାରଙ୍କ ପକ୍ଷରୁ ରିଭାଇଜ ବ୍ୟୟ ଅଟକଳର ପ୍ରଶାସନିକ ଅନୁମୋଦନ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରେରଣ ହୋଇଥିଲା । ରାଜ୍ୟ ସରକାର ୩୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ କରିଥିବା ଜଣାପଡିଛି । ଏହି ଅନୁମୋଦିତ ଅର୍ଥରେ ପାର୍କିଂ ସ୍ଥଳ, ପର୍ଯ୍ୟଟନ ସ୍ଥଳରେ ପାଳା ମଣ୍ଡପ, କଲଭର୍ଟ ନିର୍ମାଣ ଏବଂ ମାତା ସୀତା ମନ୍ଦିରର ସୁରକ୍ଷା ଘେରା ଏବଂ ମନ୍ଦିରକୁ ଜଳ ଯୋଗାଣ ବ୍ୟବସ୍ଥା କରାଯିବ । ସୀତାବିଂଝରେ ପାର୍କିଂ ସ୍ଥଳ ନିର୍ମାଣ ନିମନ୍ତେ ୧୩ ଲକ୍ଷ ୧୨ ହଜାର ୫୧୪ ଟଙ୍କା ବ୍ୟୟ ଅଟକଳକୁ ପ୍ରଶାସନିକ ଅନୁମୋଦନ ମିଳିଛି । ସେହିପରି ପାଲା ମଣ୍ଡପ ନିର୍ମାଣ ନିମନ୍ତେ ୩ ଲକ୍ଷ ୯୮ ହଜାର ୩୬୫, ମାତା ସୀତା ମନ୍ଦିରରେ ସୁରକ୍ଷା ଘେରା ନିମନ୍ତେ ୭ ଲକ୍ଷ ୪୧ ହଜାର ୬୬୫ ଟଙ୍କାର ଅଟକଳ ଅନୁମୋଦନ କରାଯାଇଛି । ଅନ୍ୟ ପକ୍ଷରେ ମାତା ସୀତା ମନ୍ଦିରକୁ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ପ୍ରଶାସନିକ ଅନୁମୋଦନ ଲାଭ କରିଥିବା ସୂଚନା ମିଳିଛି ।

## ରଜରେ ଜମିଲା ଜୁଆଖେଳ ଓ ମଦ ବେପାର

ଧର୍ମଶାଳା (ପିଏନ୍): ରଜ ପର୍ବ ଉପଲକ୍ଷେ ଧର୍ମଶାଳା ବ୍ଲକର କେତେକ ସ୍ଥାନରେ ଅବାଧ ଜୁଆଖେଳ ଓ ବେଆଇନ ମଦ ବେପାର ହୋଇଥିବା ଅଭିଯୋଗ ହୋଇଛି । ପୁଲିସ୍ ଓ ଅବକାରୀ ବିଭାଗ କିପରି ଜାଣି ପାରୁନାହିଁ, ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜେନାପୁର ଥାନା ଅଧୀନ ଅ ିଆ ଓ କମାଗଡ଼ ପ ାୟତର ବିଭିନ୍ନ ଖଟିରେ ଜୁଆଖେଳ ଖୁବ୍ ଜମିଥିବା ବେଳେ ଧର୍ମଶାଳା ଥାନା ମିର୍ଜାପୁର ହାଟ ଓ ଲାଙ୍ଗୁଡ଼ି ପାହାଡ଼ ପାଦଦେଶରେ ଥିବା ପରିତ୍ୟକ୍ତ ପାନ୍ଥଶାଳାରେ ମଧ୍ୟ ଜୁଆ ଖେଳର ଆସର ଜମିଥିଲା । ଜୁଆ ଖେଳୁଥିବା ଗ୍ରାହକମାନେ ସର୍ବସ୍ୱାନ୍ତ ହୋଇଯାଇଥିବା ବେଳେ ଜୁଆଡ଼ି ବେଶ୍ ମାଲାମାଲ୍ ହୋଇଛନ୍ତି । ଏଥପାଇଁ ସ୍ଥାନୀୟ ପୁଲିସ୍ କୁଆଡ଼େ ମୋଟା ଅଙ୍କର ବଟି ନେଉଥିବା ଚର୍ଚ୍ଚା ହେଉଛି । ପୁଲିସ୍ ସହିତ ଜୁଆଡ଼ି ଓ ଚୋରା ମଦ ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ଚୋରା କାରବାର ବେଶ୍ ଲାଭଦାୟକ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି । ଥାନାକୁ ଜଣେ ନୂଆ ପୁଲିସ୍ ଅଫିସର ଆସିଲେ ପ୍ରବଳ ଚୋରା ମଦ ଜବତ ସହିତ ବହୁ ବେପାରୀ ଗିରଫ ହୋଇଥାନ୍ତି । ହେଲେ ଦିନ କେଇଟାରେ ଯଥା ପୂର୍ବଂ ତଥା ପରଂ ଭଳି ଅବସ୍ଥା ହୋଇଯାଏ । ସମ୍ଭବତଃ ମାସିକିଆ ଡିଲ୍ ହୋଇଗଲା ପରେ ପୁଣି ଖୋଲା ମେଳାରେ ଆରମ୍ଭ ହୋଇଯାଉଛି ବେପାର । ପ୍ରକାଶ ଯେ, ଜେନାପୁର ଥାନା ଅଧୀନ ଅ ିଆ ଓ କମାକଡ଼ ପ ାୟତର ଗଳିକନ୍ଦିରେ ଜୁଆଖେଳ ସାଙ୍ଗକୁ ଚୋରା ମଦ, ଗଂଜେଇ ଓ ଅଫିମ ବେପାର ହେଉଛି । ସେହିପରି ଧର୍ମଶାଳା ଥାନା ପଛପାର୍ଶ୍ୱରେ ଜଣେ ମହିଳା ଦୀର୍ଘବର୍ଷ ହେଲା ଚୋରାମଦ ବେପାର କରି ଆସୁଥିବା ବେଳେ ଥାନାଠାରୁ ମାତ୍ର ୧୫୦ମିଟର ପରିଧି ମଧ୍ୟରେ ଥିବା ଧର୍ମଶାଳା ବଜାରର ଚା', ପାନ, ଜଳଖିଆ ଓ ତେଜରାତି ଦୋକାନରେ ଚୋରାମଦ ବେପାର ହେଉଛି । ଏଥିସହ ଚୋରମୁହାଁ, ମଣିନାଥପୁର, ଭୁବନ, କାଏମା, ଅଚ୍ୟୁତପୁର, ନୀଳଦେଇପୁର, ବିରିବାଟି, ଭଡ଼ଙ୍ଗା, ହରିଦାସପୁର, ସାରୋଇ ପାହାଡ଼, ନେଉଳପୁର, ପାଟପୁର ତାରିଣୀ ଛକ, ଚକ୍ରେଡ଼ା, ହଳଦୀପଦା, ମୁଣ୍ଡମାଳ, ସାଲେପୁର, ଜଳେଶ୍ୱରପୁର, ଦେଓଦା, କୋତପୁର, ଜାରକା, କୁମାରୀ, କ ିଗଡ଼ିଆ, ଚଢ଼େଇଧରା, ନାକପୋଲ, ଆରୁହା ଆଦି ଛକ ବଜାର ସମେତ ଗ୍ରାମା ଳରେ ବିଭିନ୍ନ ନିଶା କାରବାର ହେଉଛି । ଏପରିକି କୋତପୁର ଫାଣ୍ଡି ଓ ଜାରକା ପୁଲିସ୍ ବିଟ୍ ହାଉସ୍ ନିକଟରେ ମଧ୍ୟ ଚୋରାମଦ ବେପାର କରିବାକୁ ବେପାରୀ ଡରୁନଥିବା ଜଣାପଡ଼ିଛି । ଯାଜପୁର ଏସ୍‌ପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି ।

## DISPLAY CLASSIFIED


FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.KG. & U.KG.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Mahaditya Publication

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

Phagyan Communication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.KG., U.KG., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ପିପିଏଲ୍ ଜିପସମ୍ ପଣ୍ଡରେ ଅଘଟଣ: ଟ୍ରକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ପାରାଦୀପ (ପିଏନ୍)- ପାରାଦୀପସ୍ଥିତ ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ)ର ଜିପସମ୍ ପଣ୍ଡରେ କାମ କରୁଥିବା ବେଳେ ଜନୈକ ଯୁବକଙ୍କ ଦୂର୍ଘଟଣାରେ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ, ପାରାଦୀପ ମଧୁବନସ୍ଥିତ ଗୋପାଳଜୀୟୁ କଲୋନୀରେ ରହୁଥିବା ମଧୁସୂଦନ ରାଉତଙ୍କ ପୁଅ ପ୍ରମୋଦ କୁମାର ରାଉତ(୩୮) ଓରଫ ପିଂଟୁ ପିପିଏଲ୍ ଜିପସମ୍ ପରିବହନରେ କାମ କରୁଥିବା ସିଫର୍ଶ ଷ୍ଟିଭେଡୋର୍ସ ଲିମିଟେଡ୍ ନାମକ ଏକ କମ୍ପାନୀ ଅଧିନରେ କାମ କରୁଥିଲେ । ଜିପସମ୍ ପରିବହନରେ ନିୟୋଜିତ ଏକ ଟ୍ରକ୍ ଫଶି ଯାଇଥିଲା । ଅନ୍ୟ ଏକ ଟ୍ରକ୍ ଉକ୍ତ ଟ୍ରକ୍‌କୁ ସହାୟତା କରୁଥିବା ବେଳେ ଟ୍ରକ୍‌ର ଜଗ୍ ରଡ୍ ଝିଟିକି ପ୍ରମୋଦଙ୍କ ତଳି ପେଟରେ ମାଡ ହୋଇଥିଲା । ଗୁରୁତର ଅବସ୍ଥାରେ ପ୍ରମୋଦଙ୍କୁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ପ୍ରମୋଦଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ବୋଲି ଜଣାପଡିଛି ।

## ଦେଶୀ ମଦ ଜବତ, ଜଣେ ଗିରଫ

ଖୋର୍ଦ୍ଧା (ପିଏନ) - ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଂଚାୟତର ଗୋଡା ଗ୍ରାମର ସୁଶାନ୍ତ ରଣସିଂହ ଦୀର୍ଘଦିନ ଧରି ନିଜ ଘର ପଛପଟ ବାଡିରେ ଦେଶୀ ମଦ ତିଆରି ବିକ୍ରୀ କରି ଆସୁଥିବାର ଖବର ପୋଲିସ ନିକଟରେ ପହଂଚି ଥିଲା। ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥି ଅତର୍କିତ ଭାବରେ ଚଢାଉ କରି ୩୫ ଲିଟର ଦେଶୀ ମଦ ସମେତ ବ୍ୟବହୃତ ସାମଗ୍ରୀଗୁଡିକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ସର୍ବସାଧାରଣ ଜଳସ୍ରୋତ ଅବରୋଧ ମାମଲା: ୧୫ ଦିନ ମଧ୍ୟରେ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ଗ୍ରାମ ପ ାୟତର ପଲ୍ଲୀରଘୁନାଥପୁର ଗ୍ରାମର ସର୍ବସାଧାରଣ ଜଳସ୍ରୋତ ତଥା ଯୋରକୁ ଜବରଦଖଲ କରି ଗୃହ ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ ୧୫ ଦିନ ମଧ୍ୟରେ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କାରଣ ଏହି ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀ ଦୀର୍ଘ ୨ ବର୍ଷ ହେବ ବିରୋଧ କରି ଆସୁଛନ୍ତି। ଏହି ଅ ଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏହିଭଳି ସର୍ବସାଧାରଣ ଯୋରକୁ ଅବରୋଧ କରି ଗୃହ ନିର୍ମାଣ କରିଛନ୍ତି। ଏହି ଗୃହକୁ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ କରିଛନ୍ତି। ଗୃହ ଆରମ୍ଭ କରିବା ଦିନରୁ ଗ୍ରାମବାସୀ ଏହାକୁ ବିରୋଧ କରି ଆସୁଛନ୍ତି। ଏ ନେଇ ଗ୍ରାମବାସୀ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଉପଜିଲ୍ଲାପାଳ, ଜିଲ୍ଲାପାଳ, ଆରଡିସି, ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ହେବା ପରେ ଉପଜିଲ୍ଲାପାଳଙ୍କ ଉପରେ ଚାପ ପଡିଥିଲା। ଏପରିକି ଉପଜିଲ୍ଲାପାଳଙ୍କ କୋର୍ଟରେ ମଧ୍ୟ ଏକ ମାମଲା ହୋଇଥିଲା। ହେଲେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କେତେକ ଅସାଧୁ କର୍ମଚାରୀ ଉକ୍ତ ମାମଲାକୁ ଚାପି ରଖିଥିଲେ। ଏ ନେଇ ଉକ୍ତ ଗ୍ରାମର ସାମାଜିକ କର୍ମୀ ମନୋରଞ୍ଜନ ଜେନା ଓଡିଶା ଉଚ୍ଚ ନ୍ୟାୟାଳୟରେ ପ୍ରଶାସନ ବିରୋଧରେ ଏକ ସିଆରଏଲଏମ୍‌ପି ମାମଲା ନମ୍ବର- ୩୫୫/୨୦୨୨ ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଉପଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇଥିଲେ। ଏଥିସହ କୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରିଥିଲେ ଯେ ଏହି ବେଆଇନ୍ ନିର୍ମାଣ ସମ୍ପର୍କରେ ବିଚାର କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି। ସେହି ଅନୁଯାୟୀ ଏହି ବେଆଇନ୍ ନିର୍ମାଣକୁ ୧୫ ଦିନ ମଧ୍ୟରେ ଉଚ୍ଛେଦ କରିବା ପାଇଁ ଉପଜିଲ୍ଲାପାଳ ନୋଟିସ ଜାରି କରିଥିବା ସୂଚନା ମିଳିଛି।

## ସ୍ୱାଧୀନତା ସଂଗ୍ରାମୀ ନକୁଳ ଦାସଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ନକୁଳ ଚରଣ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସୁଜାନଗର ଗ୍ରାମର ନେତାଜୀ ମଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନକୁଳ ଦାସ ସ୍ମୃତି କମିଟି ସଭାପତି ଡଃ. ବାସୁଦେବ ଦାସଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ପ୍ରଦୀପ କୁମାର ଦାଶ ଯୋଗଦେଇ ବକ୍ତବ୍ୟରେ ସଂଗ୍ରାମୀ ସ୍ୱର୍ଗତଃ ଦାସ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ଭୂଦାନ କର୍ମୀ, ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବା ସହ ଜୀବନବ୍ୟାପୀ ଗାନ୍ଧୀ ଦର୍ଶନର ଅନୁଗାମୀ ଥିଲେ । ନୂତନ ପିଢୀଙ୍କ ପାଇଁ ତାଙ୍କର ତ୍ୟାଗ, ତିତିକ୍ଷା ଓ ସରଳ ଜୀବନଯାପନ ଏକ ଉଦାହରଣ ସୃଷ୍ଟି କରିଛି । ସଭାପତି ଡଃ. ଦାସ ନିଜ



ବକ୍ତବ୍ୟରେ ସଂଗ୍ରାମୀ ସ୍ୱର୍ଗତଃ ଦାସ ଜଣେ ସଚ୍ଚୋଟ ଓଡିଆ ଓ ପ୍ରକୃତ ଦେଶପ୍ରେମୀ ଥିଲେ ବୋଲି କହିଥିଲେ । ସେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କୁଟି ଖାଅ ଓ କାଟି ପିନ୍ଧ ନାରାରେ ସାମିଲ ହୋଇ ନିଜ ଘରେ ଚରଖାରେ ସୂତା କାଟୁଥିଲେ । ଆହୁରି ମଧ୍ୟ ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର ପାଇଁ ଅନେକ କାର୍ଯ୍ୟ ହାତକୁ ନେଇଥିଲେ । ଏହି ସ୍ମୃତିସଭାରେ ନେତାଜୀ ମଡେଲ ୟୁପି ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସ୍ୱର୍ଗତଃ ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରତିମୂ ିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ସ୍ମୃତି କମିଟି ସମ୍ପାଦକ ଅବନୀ କୁମାର ଦାସ, କା ିକ ଚନ୍ଦ୍ର ସାହୁ, ଲୋପାମୁଦ୍ରା ବାରିକ, ରବୀନ୍ଦ୍ର ଦାସ, ଅଲେଖ ନାୟକ, ମନ୍ଦର ରଥ ପ୍ରମୁଖ ସଭାରେ ଯୋଗଦେଇ ସ୍ମୃତିଅର୍ଘ୍ୟ ଅର୍ପଣ କରିଥିଲେ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ଖେଳ

# ପର୍ଯ୍ୟବେକ୍ଷକ

Bhubaneswar Saturday February 01 | ଭୁବନେଶ୍ୱର | ଶନିବାର, ଫେବୃଆରୀ ୦୧,୨୦୨୫ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



## ଉଦ୍‌ଯାପନ ହେଲା ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଚମ୍ପିୟାନ ହେଲା ମୁଣ୍ଡ ମୁହାଣ କ୍ଲବ୍ କଟକ



ବାସୁଦେବପୁର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ସୁଗୁଡା ନୀଳମଣି ମିନି ଷ୍ଟାଡିୟମରେ ଶ୍ରୀ ଗଣେଶ କ୍ଲବ୍ ପକ୍ଷ ରୁ ଦିବାକର ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣା ମେଣ୍ଟ ର ଖେଳ ର ଉଦ୍ ଜାପାନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଶେଷ ତଥା ଅନ୍ତିମ ଖେଳ ରେ କୋଲାଘାଟ ହାଓ୍ୱଡା ସହିତ ମୁଣ୍ଡ ମୁହାଣ କ୍ଲବ୍ କଟକ ମଧ୍ୟ ରେ ଅନୁଷ୍ଠିତ ହୋଇଥିଲା । କୋଲଘାଟ କୁ ହରାଇ ମୁଣ୍ଡ ମୁହାଣ କ୍ଲବ୍ କଟକ ଚମ୍ପିୟାନ ହୋଇଛି ।ଶେଷ ଦିନ ରେ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତି, ତ୍ୟାଗ ଭୂମି ସଭାପତି ଅଜୟ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ ।। ଅନ୍ୟ ଅତିଥି ଭାବେ ୧୬ ନମ୍ବର୍ ଓ୍ୱାର୍ଡ କାଉନସିଲର, ସମାଜ ସେବୀ ବିଜୟ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସର ରେ ଚମ୍ପିୟାନ ଦଳ କୁ ଟ୍ରଫି ସହ ପନ୍ଦର ହଜାର ଆର୍ଥିକ ରାଶି ଓ ରନସ୍ ଅପ୍ ଦଳ କୁ ଟ୍ରଫି ସହ ଦଶ ହଜାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ଫାଇନାଲ ଖେଳ ଟିକୁ ରେଫରୀ ଭାବ ରେ ମାନସ କୁମାର ବିଶ୍ୱାଳ, ରାମ ଚନ୍ଦ୍ର ବେଶ୍ରା ଓ ଗଣେଶ୍ୱର ସିଂ ପରିଚାଳନା କରିଥିଲେ। କ୍ଲବ୍ ର ସଭାପତି ଗୌରାଙ୍ଗ ବେହେରା , ସମ୍ପାଦକ ସୁବାସ ନାୟକ, ଙ୍କ ସହ ଉପ ସଭାପତି ଏସ କେ ଗୋଲାମ ସଫିୟାନ୍, ସହ ସମ୍ପାଦକ ହୃଷୀକେଶ ସାହୁ ଓ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ଥିଲେ।

## କେନ୍ଦ୍ରାପଡା ପଞ୍ଚାୟତ ସମିତି ବୈଠକ

କେନ୍ଦ୍ରାପଡ଼ା,,(ପି.ଏନ): କେନ୍ଦ୍ରାପଡା ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ ସମିତିର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ରଶ୍ମିତା ସେଠୀଙ୍କ ପୌରହିତ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ନ ମିଳିବାରୁ ବୈଠକରେ କେତେକ ସଦସ୍ୟ ତୁମ୍ବି ତୋଫାନ କରିଥିଲେ। ବିଜେପି ସମର୍ଥକ ସରପଞ୍ଚଓ ସମିତିସଭ୍ୟମାନେ ଏହି ଘଟଣାକୁ ନେଇ ହୋହାଲ୍ଲା କରିଥିବା ବେଳେ ଅଣଜନ ପ୍ରତିନିଧି ପଞ୍ଚାୟତ ସମିତି କାର୍ଯ୍ୟରେ ହସ୍ତକ୍ଷେପ ନ କରିବାକୁ ବିଜେଡି ସମର୍ଥୀତ ସରପଞ୍ଚ, ସମିତି ସଭ୍ୟମାନେ ଦାବି କରି ଜିଲ୍ଲାପାଳଙ୍କୁ ଏକ ଲିଖିତ ପ୍ରସ୍ତାବ ଦେଇଥିଲେ । ସମିତି ଅଧ୍ୟକ୍ଷା ଶ୍ରୀମତୀ ସେଠୀ ବୈଠକ ସମ୍ପର୍କରେ ଅବଗତ କରିବା ସହିତ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ଆରମ୍ଭ କରିଥିଲେ । ଏହାକୁ ବିଜେପି ସମର୍ଥକ ବାରୋ ସରପଞ୍ଚ ଗୋପୀନାଥ ମଲ୍ଲିକ, ଗୁଲନଗର ସରପଞ୍ଚ ସନ୍ଧ୍ୟାରାଣୀ ସାହୁ, ଢୋଲ ସମିତି ସଭ୍ୟ ଜିତେନ୍ଦ୍ର ରାଉତ ବିରୋଧ କରି କହିଥିଲେ ଯେ ଆମକୁ ପଞ୍ଚାୟତର କୌଣସି କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଉନାହିଁ । ପୂର୍ବ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ଏହି ଟିପ୍ପଣୀ ଦେଇଥିବା ବେଳେ ବିଜେଡି ସମର୍ଥକ ସରପଞ୍ଚ ଓ ସମିତିସଭ୍ୟ ଏହାକୁ ଜୋରଦାର ବିରୋଧ କରିଥିଲେ। କୌଣସି ଅଣ ଜନ ପ୍ରତିନିଧି ପଞ୍ଚାୟତ ସମିତି କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ ବୋଲି ସରପଞ୍ଚ ଅଶ୍ୱିନୀ ପାତ୍ର କହିଥିଲେ।

## ଏଟିଏମ୍ ଟଙ୍କା ଜମାକାରୀ ସାଜିଥିଲେ ଲୁଟେରା,ଜମା ଟଙ୍କାରୁ ଲୁଟିଥିଲେ ୧୦ଲକ୍ଷ, ପୋଲିସ ଗିରଫ କରି କୋର୍ଟ ଚାଲାଣ




ଭବାନୀପାଟଣା,(ପି.ଏନ): ଟଙ୍କା ଜମାକାରୀ ସଂସ୍ଥା ର କର୍ମଚାରୀ, ଡ୍ରାଇଭର ଓ ସେକ୍ୟୁରିଟି ଗାର୍ଡ ସମେତ ଦୁଇ ଅନ୍ୟ ଅଭିଯୁକ୍ତ ସାମିଲ ଥିଲେ। ଟଙ୍କା ଜମା ଗାଡି,ଓ ୫ଟି ମୋବାଇଲ ସହ ୭ ଲକ୍ଷ ୮୦ ହଜାର ଟଙ୍କା ଜବତ୍ କରିଛି କଳାହାଣ୍ଡି ପୋଲିସ। ଏଟିଏମ୍ ଜମାକାରୀ ଲୁଟିଥିଲେ ୧୦ ଲକ୍ଷ । କଳାହାଣ୍ଡି ଜିଲ୍ଲାର ବିଭିନ୍ନ ୫୫ଓ ଏଟିଏମରେ ନଗଦ ଟଙ୍କା ଜମା କରିବା ପାଇଁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ୫ରମଙ୍କଙ୍କର ଠବକ୍ଷଙ୍କର ଓଭୟସବ' ଖଶ୍ୱୟ ନାମକ ସଂସ୍ଥା ସହ ଚୁକ୍ତିନାମା କରିଛି ।ଷ୍ଟେଟବ୍ୟାଙ୍କ ରୁ ଟଙ୍କା ନେଇ ବିଭିନ୍ନ ଏଟିଏମରେ ଜମା କରୁଥିଲେ। ହେଲେ କର୍ମଚାରୀ ହିଁ ସାଜିଥିଲେ ଲୁଟେରା ।ଜାନୁୟାରୀ ୧୮ ତାରିଖ ରାତି ୧୨.୩୦ ରେ, ଟଙ୍କା ଜମାକାରୀ ସଂସ୍ଥା କର୍ମଚାରୀ ଲକ୍ଷ୍ମୀକାନ୍ତ ରାଣା, ପାଖୀରାଜ ଗଉଡ ଏବଂ ଚଞ୍ଚଳା ରାଉତ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ଡେପୁଟି ମ୍ୟାନେଜର ଭବାନୀପାଟଣା ଠାରୁ ୪.୮୦ କୋଟି ଟଙ୍କା ଜମା ବାବଦକୁ ନେଇ , ବାକ୍ସରେ ରଖିଥିଲେ,ଯାହାର ଚାବି ଥିଲା ଲକ୍ଷ୍ମୀକାନ୍ତ ରାଣାଙ୍କ ପାଖରେ ଭବାନୀପାଟଣାର କିଛି ଏଟିଏମରେ ଟଙ୍କା ଜମା କରିଥିଲେ ।ପୂର୍ବ ଯୋଜନା ଅନୁଯାୟୀ ଅଭିଯୁକ୍ତ ୧୦ ଲକ୍ଷ ଟଙ୍କା ଚୋରି କରି ଭବାନୀପାଟଣା ସହରର ଜିତୁ ଲହଜାଲ ଙ୍କ ପାଖରେ ରଖିଥିଲେ। କିଛି ଏଟିଏମରେ ଟଙ୍କା ଜମା କରିବା ପରେ ୧୦ଲକ୍ଷର ଅଭାବ ଦେଖାଗଲା, ବ୍ୟାଙ୍କ ମ୍ୟାନେଜର ସମସ୍ତ କର୍ମଚାରୀଙ୍କୁ ଏହାର ଅନୁସନ୍ଧାନ କରିବାକୁ କହିଥିଲେ ଓ ଭବାନୀପାଟଣା ଟାଉନ ଥାନା ର ଦ୍ୱାରସ୍ଥ ହୋଇଥିଲେ ।କର୍ମଚାରୀ ଲକ୍ଷ୍ମୀକାନ୍ତ ରାଣାଙ୍କୁ ପଚରାଉଚରା କରାଯାଇଥିଲା, ଯେଉଁଥିରେ ସେ ଡ୍ରାଇଭର ପକ୍ଷିରାଜ ଗଉଡ ଏବଂ ସୁରକ୍ଷାକର୍ମୀ ଚଞ୍ଚଳ ରାଉତଙ୍କ ସହିତ ୧୦ ଲକ୍ଷ ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି ହୋଇଥିବା ରାଶି ମଧ୍ୟରୁ ୭ଲକ୍ଷ ୮୦ ହଜାର ଜବତ କରି ୩ ଜଣ ଅଭିଯୁକ୍ତ ସମେତ ୨ ସହଯୋଗୀ ଙ୍କୁ ଆଜି କୋର୍ଟ ଚାଲାଣ କରିଛି କଳାହାଣ୍ଡି ପୋଲିସ ।

## ଜାତୀୟ ସଡକ ସୁରକ୍ଷା ମାସ-୨୦୨୫ ଉଦଯାପନୀ ଉତ୍ସବ ପାଳିତ




ରାୟଗଡ,(ପି.ଏନ): ରକ୍ଷୟଗଡ଼ ଜିଲ୍ଲା ଜାତୀୟ ସଡକ ସୁରକ୍ଷା ମାସର ଉଦଜାପନୀ ସମାରୋହ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିଅମ ଠାରେ ଆନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାଓ୍ୱାରୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ନିଜର ବକ୍ତବ୍ୟରେ କହିଲେ ଯେ ପୃଥିବୀରେ ଯେତେ ଦୁର୍ଘଟଣା ଘଟୁଛି ସେଥିରୁ ଭାରତରେ ସର୍ବାଧିକ । ସେଥି ପାଇଁ ସମସ୍ତଙ୍କର ସଚେତନତା ନିହାତି ଆବଶ୍ୟକ । ଦୁର୍ଘଟଣା କେବଳ ସହରରେ ହୁଏ ନହିଁ ଗ୍ରାମାଞ୍ଚଳରେ ମଧ୍ୟ ବହୁତ ହେଉଛି । ମଧପଣନ ଓ ଦ୍ରୁତଗତି ଯୋଗୁଁ ଦୁର୍ଘଟଣା ମାତ୍ରା ବୃଦ୍ଧି ପାଉଛି । ନିଜେ ଯେତେ ଭଲ ଥାନ୍ତୁ ନା କାହିଁକି ଅନ୍ୟର ଭୁଲ ପାଇଁ ଦୁର୍ଘଟଣାର ଶିକାର ହୋଇଯିବେ । ଗାଡ଼ି ଚଳାଇଲା ବେଳେ ମାନସିକ ସ୍ଥିର କରିକି ଚଳାଇବେ ନଚେତ ଦୁର୍ଘଟଣା ଘଟିପାରେ । ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ ଯେ ଆପଣ ମନେ ଭବିଷତର ନାଗରିକ ଆଗକୁ ଦେଶ ପାଇଁ ଭଲ କାମ କରିବାକୁ ପଡିବ ବଳି କହିଥିଲେ । ସେହିପରି ପରି ଆରକ୍ଷୀ ଅଧିକ୍ଷିକା ରକ୍ଷୟଗଡ଼ ସୁଶ୍ରୀ ସ୍ୱାତୀ ଏସ କୁମାର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟରେ କହିଲେ ଯେ ସଡକ ସୁରକ୍ଷା ହେଉଛି ପରିବାରର ରକ୍ଷା । ଭାବନ୍ତୁ ନକ୍ଷହିଁ ଦୁର୍ଘଟଣା କେବଳ ଜଣକର ମୃତ୍ୟ ହେଉଛି କିନ୍ତୁ ଭାବି ଦେଖନ୍ତୁ ଜଣକ ପାଇଁ ସାରା ପରିବାର ଅକ୍ଷମ ହେଉଛି । ଗାଡ଼ି ଚଳାଇଲା ବେଳେ ସିଟି ବେଲ୍ଟ, ହେଲମେଟ ବ୍ୟବହାର ନିହାତି ଜରୁରୀ । ଗାଡ଼ି ଚଳାଇଲା ବେଳେ ମଦ୍ୟପନ ଓ ମୋବାଇଲ ବ୍ୟବହାର ଠାରୁ ଦୁରେଇ ରହନ୍ତୁ ନଚେତ ଆମେ ଲାଇସେନ୍ସ ରଦ୍ଦ କରିଦେବୁ ବୋଲି କହିଥିଲେ । ପିଲାମାନେ ନିଜର ବାପା ମାଙ୍କୁ ସିଟିବେଲ୍ଟ, ହେଲମେଟ ବ୍ୟବହାର ପାଇଁ କହିବାକୁ ଅନୁରୋଧ କରିଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର କହଁର ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିଷ୍ଣୁ ପ୍ରସାଦ ପାତ୍ର ଏହି କାର୍ଯ୍ୟକ୍ରମ ରେ ଯୋଗଦାନ ନିଜର ପ୍ରେରଣା ଦାୟୀ ଭାଷଣ ଜରିଆରେ ସଚେତନତା କରିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ କୁ ଅଞ୍ଚିଳିକ ପରିବହନ ଅଧିକାରୀ ଶ୍ରୀ ଶିବ ଶଙ୍କର ଚୌଧୁରୀ ଅଧକ୍ଷତା କରିଥିଲେ ବେଳେ ଏଭି ଆଇ ଶ୍ରୀ ରାଜ କୁମାର ବେହେରା, ଅତିରିକ୍ତ ଆରଟିଓ, ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଜିଲ୍ଲାରେ ସଡକ ଦୁର୍ଘଟଣା ମାମଲା ହ୍ରାସ କରିବା ନିମନ୍ତେ ସଡ଼କ ସୁରକ୍ଷା ମାସ ଜାନୁଆରୀ ୧ତାରିଖ ଠାରୁ ଆରମ୍ଭ କରାଯାଇ ଆସନ୍ତା ଜାନୁଆରୀ ୩୧ତାରିଖ ଯାଏଁ ଜିଲ୍ଲାରେ ପାଳନ କରାଯାଇଥିଲା । ଏହି ସମୟରେ ଜିଲ୍ଲାରେ ବ୍ୟାପକ କାର୍ଯ୍ୟକ୍ରମ ଓ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଶିବ ଶଙ୍କର ଚୌଧୁରୀ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କରାଯାଇଥିଲା । ଶୋଭାଯାତ୍ରା, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ଶିବିରରେ ବସ ମାଲିକ ସଙ୍ଘ, ଟ୍ରକ ମାଲିକ ସଙ୍ଘ,ଅଟୋଆସୋସିଏସନ,ଡ୍ରାଇଭର ମହାସଂଘ ଓ ଜନସାଧାରଣ ଛାତ୍ର ଛାତ୍ରୀ ଆଦି ବହୁ ସଂଖ୍ୟାରେ ସାମିଲ ହୋଇ ରକ୍ତ ଦାନ କରିଥିଲେ।

## ଧାମନଗର ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ






ଧାମନଗର,(ପି.ଏନ): ଧାମନଗର ପ୍ରେସ୍ କ୍ଲବ କାର୍ଯ୍ୟାଳୟ ସମ୍ମୁଖରେ ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟ ହିଁ ସାମ୍ବାଦିକତା। ସାମ୍ବାଦିକତା ଏକ ବୃତ୍ତି ।ସେଇ ବୃତ୍ତିର ଯୋଗ ଦେଇଥିବା ବ୍ୟକ୍ତିଙ୍କ ପାଇଁ ଗଣତନ୍ତ୍ର ତିଷ୍ଠି ରହିଛି। ସାମାଜିକ ବ୍ୟବସ୍ଥାର ନିଚ୍ଛକ ଛବିକୁ ବହୁ କଷ୍ଟ କରି ବିନା ପାରିଶ୍ରମିକରେ ସାମ୍ବାଦିକ ମାନେ ଯେଉଁଳି ଭାବେ ପରିପ୍ରକାଶ କରୁଛନ୍ତି ତାର ତୁଳନା ନାହିଁ ବୋଲି ଧାମନଗର ପ୍ରେସ କ୍ଲବର ଆୟୋଜିତ ବାର୍ଷିକ ଉତ୍ସବ ସଭାରେ ଅତିଥିମାନେ କହିଛନ୍ତି। ଶୁକ୍ରବାର ଅପରାହ୍ନରେ ପ୍ରେସ କ୍ଲବ ସମ୍ମୁଖ ପଡିଆରେ ବାର୍ଷିକ ଉତ୍ସବ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ଲଲା ଟେନ୍ଦୁ ଦାସ, ନାଟ୍ୟ ପ୍ରତିଭା ତଥା ସ୍ତମ୍ଭକାର ବିଜୟ ଦାସ,ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା ,ଜିଲା ପରିଷଦ ଉପାଧକ୍ଷା ଟୁନି ବାଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ନିରପେକ୍ଷ ସମ୍ବାଦ ପରିବେଷଣ, ସାମ୍ବାଦିକତାର ଆରମ୍ଭ,ସମ୍ବାଦପତ୍ରର ମାଲିକ ମାନଙ୍କ ଭୂମିକା ଓଡ଼ିଆ ଜାତିର ସ୍ୱାଭିମାନ ପାଇଁ ସାମ୍ବାଦିକ ମାନଙ୍କ ଦାଇତ୍ୱ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରେସ କ୍ଲବର ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ,ସାମ୍ବାଦିକ କିଷାନ କୁମାର ରାଉତ ଅତିଥି ପରିଚୟ ପ୍ରଦାନ, ଏବଂ ସାମ୍ବାଦିକ ସୁଧାକର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରେସ କ୍ଲବର ପ୍ରତିଷ୍ଠାତା ବରିଷ୍ଠ ସଦସ୍ୟ ଉପଦେଷ୍ଟା ତଥା ସାମ୍ବାଦିକ ଅନିଲ କୁମାର ବାରିକ,ବାସୁଦେବ ତ୍ରିପାଠୀ,ରସାନନ୍ଦ ମହାପାତ୍ର, ରତ୍ନାକର ଦାଶ, ସୁଧୀର ପଣ୍ଡା,ଏବଂ ଧନେଶ୍ୱର ପଣ୍ଡା ସମେତ ଶିକ୍ଷାବିତ ଗିରିଶ ବିହାରୀ ମିଶ୍ର, ସମାଜ ସେବୀ ହେମେନ୍ଦ୍ର ସାହୁ,ନୃତ୍ୟ ଶିଳ୍ପୀ ସୁଭେନ୍ଦୁ ଲେଙ୍କା,ଶିକ୍ଷା ଉଦ୍ୟୋଗୀ ଜୟନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ସୁଧାକର ଦାଶ ସ୍ୱାଗତ ଭାଷଣ ଓ କିଷାନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜ୍ୟର ପ୍ରତିଷ୍ଠିତ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଜିଲ୍ଲା ସ୍ତରୀୟ ସାମ୍ବାଦିକ ବନ୍ଧୁ ମାନେ ଯୋଗ ଦେଇଥିବା ବେଳେ ବହୁ ଅଧିକାରୀ ଓ ଜନପ୍ରତିନିଧି ଏବଂ ଶିକ୍ଷା ବିତ୍,ବୁଦ୍ଧିଜୀବୀ, ସମାଜସେବୀ ଯୋଗ ଦେଇଥିଲେ ।ସାମ୍ବାଦିକ ସେକ ଜାଫର ଅଲ୍ଲୀ, ସୁଶାନ୍ତ କୁମାର ରାଉତ, ବିବେକାନନ୍ଦ ସାମଲ, କୈଳାସ ଚନ୍ଦ୍ର ଗୁପ୍ତା,ପ୍ରଶାନ୍ତ ଦ୍ୱିବେଦୀ, ସନ୍ତୋଷ ମହାପାତ୍ର, ଗୋଲାମ ଜିଲାନି ହବିବି, ତାପସ ରଞ୍ଜନ ସାହୁ,ବିବେକାନନ୍ଦ ପଣ୍ଡା,ସଂଜୀବ ମହାନ୍ତି,ଗୌରାଙ୍ଗ ଦାସ,ଏମଡି ଜାବିର,ଦୁର୍ଗାପ୍ରସାଦ ମହାପାତ୍ର,ଦୀନକୃଷ୍ଣ ମହାପାତ୍ର ପ୍ରମୁଖ ଅତିଥି ମାନଙ୍କୁ ଉତ୍ତରିୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray